ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.204 Bhubaneswar Thursday September 21 2023 | ୨୬ତମ ବର୍ଷ | ସଂଖ୍ୟା–୨୦୪ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଲୋକସଭାରେ ଐତିହାସିକ ମହିଳା ସଂରକ୍ଷିତ ବିଲ୍ ପାସ୍



ଭୁବନେଶ୍ୱର,୨୦।୯(ପି.ଏନ): ଦୀର୍ଘ ୭ ଘଣ୍ଟାରୁ ଅଧିକ ସମୟର ବିତର୍କ ପରେ ଲୋକସଭାରେ ପାରିତ ହୋଇଛି ବହୁ ପ୍ରତୀକ୍ଷିତ ତଥା ଐତିହାସିକ ମହିଳା ସଂରକ୍ଷଣ ବିଲ୍। ମଙ୍ଗଳବାର କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ ବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ଲୋକସଭାରେ ଉପସ୍ଥାପିତ କରିଥିଲେ। ଆଜି ଏହା ପାରିତ ହେବା ସହ ଭାରତ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଯାଇଛି ।କାରଣ ଦୀର୍ଘ ୩ ଦଶନ୍ଧି ଧରି ଏକାଧିକ ଥର ମହିଳା ସଂରକ୍ଷଣ ବିଲକୁ ପାସ୍ କରିବାକୁ ଲୋକସଭାରେ ଚେଷ୍ଟା କରାଯାଇଥିଲା। କିନ୍ତୁ ଏଯାଏ ଏହା ପାରିତ ହୋଇ ନଥିଲା। ଅବଶ୍ୟ ୨୦୧୦ରେ ରାଜ୍ୟଭାରେ ମହିଳା ସଂରକ୍ଷିତ ବିଲ୍ ପାରିତ ହୋଇଥିଲା। କିନ୍ତୁ ଲୋକସଭାରେ ପ୍ରଥମଥର ପାଇଁ ସର୍ବସମ୍ମତିକ୍ରମେ ଏହା ପାରିତ ହୋଇଛି ।ଏହା ଏକ ସମ୍ବିଧାନ ସଂଶୋଧ ବିଲ୍ ହୋଇଥିବାରୁ ପାରିତ କରିବା ପାଇଁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର ଥିଲା। ବିଲ୍‌କୁ ତା’ଠାରୁ ଅଧିକ ସମର୍ଥନ ମିଳିଛି। ବିଲ୍ ସପକ୍ଷରେ ୪୫୪ ଭୋଟ ପଡିଥିବା ବେଳେ ବିପକ୍ଷରେ ୨ଟି ଭୋଟ ପଡିଛି।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରବାରଦିନ ଉତର ପ୍ରଦେଶର ପ୍ରଥମ ଆନ୍ତର୍ଜାତିକ ବ୍ୟାପାର ସୋ ର କରିବେ ଉଦ୍‌ଘାଟନ

ନୂଆଦିଲ୍ଲୀ,୨୦।୯(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରବାରଦିନ ଗ୍ରେଟର ନୋଏଡାରେ ଉତର ପ୍ରଦେଶର ପ୍ରଦେଶର ପ୍ରଥମ ଅନ୍ତରାଷ୍ଟ୍ରୀୟ ବ୍ୟାପାର ସୋ ର ଉଦ୍‌ଘାଟନ କରିବେ । ରାଷ୍ଟ୍ରପତି ଭବନରେ ବୁଧବାର ଦିନ ଗୋଟିଏ ବାର୍ତା ଜାରି କରି ଏହି ସୂଚନା ଦେଇଛି । ଏଥିରେ କୁହାଯାଇଛି ପ୍ରଥମ ଅନ୍ତରାଷ୍ଟ୍ରୀୟ ବ୍ୟାପାର ସୋ ର ଉଦ୍‌ଘାଟନ କରିବା ପାଇଁ ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ଗ୍ରେଟର ନୋଏଡାରେ ପହଂଚିବେ।

## ମହଙ୍ଗା ପଡିଲା ପୂଜା ଭୋଗ ଖାଇବା: ଗୋଟିଏ ଗାଁରେ ୪୦ ଅସୁସ୍ଥ



ସୋର,୨୦।୯(ପି.ଏନ) : ଗଣେଶ ପୂଜା ଭୋଗ ଖାଇ ୪୦ ଜଣ ଅସୁସ୍ଥ ହେବା କଥା ସାମ୍ନାକୁ ଆସିଛି। ପଣପଣା ପଞ୍ଚାୟତ ସରସତିଆ ଜେନା ସାହିର ଲୋକେ ଭୋଗ ଖାଇ ଅସୁସ୍ଥ ହୋଇଛନ୍ତି। ଏହି ସମସ୍ତ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହାପରେ ୪୦ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଏହି ଖବର ପାଇବା ପରେ ପ୍ରଶାସନ ଗାଁକୁ ଏକ ମେଡିକାଲ ଟିମ ପଠାଇଛି ।ସୂଚନା ଅନୁସାରେ, ଗତକାଲି ଏହି ଗ୍ରାମବାସୀ ଖୁବ ଆଡମ୍ବର ସହ ଗଣେଶ ପୂଜା ପାଳନ କରିଥିଲେ। ପୂଜା ସରିବା ପରେ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ। ତେବେ ଗତ ରାତିରେ ଅଧିକାଂଶ ଲୋକେ ଅସୁସ୍ଥ ଅନୁଭବ କରିବା ସହ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଏହାପରେ ସମସ୍ତ ଅସୁସ୍ଥଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ଅନେକଙ୍କ ଏପରି ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତରକୁ ନେଇ ଗ୍ରାମବାସୀ କହିଛନ୍ତି ଯେ, ସେମାନେ ଦିନରେ ଭୋଗ ଖାଇବା ପରେ ଏପରି ଘଟିଛି । ତେବେ ସେମାନଙ୍କ କଥାରେ କେତେ ସତ୍ୟତା ଅଛି ତାକୁ ପରୀକ୍ଷଣ କରିବା ଲାଗି ସେହି ଗାଁକୁ ଡାକ୍ତରୀ ଟିମ ପଠାଯାଇଛି। ସମୁଦାୟ ଅସୁସ୍ଥଙ୍କ ମଧ୍ୟରୁ ୧୦ ଜଣ ସୁସ୍ଥ ହୋଇ ଘରକୁ ଫେରିବା ପରେ ଅନ୍ୟ ୩୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ବିଜେଡି ବିଧାୟକ ଓ ତାଙ୍କ ଝିଅଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗ, ଥାନାରେ ଏତଲା

ଭୁବନେଶ୍ୱର,୨୦।୯(ପି.ଏନ): ସୋଶାଲ ମିଡ଼ିଆରେ ପୂର୍ବତନ ଶ୍ରମ ରାଷ୍ଟ୍ରମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ତାଙ୍କ ଝିଅକୁ ହତ୍ୟା ଷଡଯନ୍ତ୍ର ଚ୍ୟାଟିଂକୁ ନେଇ ଥାନାରେ ଏତଲା ହୋଇଛି। ନିଜେ ବିଧାୟକ ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି ।ସଂଯୁକ୍ତା ମହଲା ନାମକ ଜଣେ ମହିଳା ଓ ବିକାଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ଏତଲା ଦେଇଛନ୍ତି ବିଧାୟକ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏନେଇ ବିଧାୟକ ଶ୍ରୀକାନ୍ତ ସାହୁ କିମ୍ବା ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ। ବିଧାୟକ ଏହି ଏତଲା ୧୬ ତାରିଖରେ ଦେଇଥିବା ଜଣାପଡିଛି।

## ୨୬ରେ ରାଜଧାନୀରେ ହେବ ଶିକ୍ଷକଙ୍କ ମହାସମାବେଶ



ଭୁବନେଶ୍ୱର,୨୦।୯(ପି.ଏନ): ଆହୁରି ତେଜିବ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ। ଭୁବନେଶ୍ୱରରେ ମହାସମାବେଶ କରିବ ଶିକ୍ଷକ ସଂଘ। ଆଜି ଏନେଇ ସୂଚନା ଦେଇଛନ୍ତି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା। ଆସନ୍ତା ୨୬ ତାରିଖରେ ରାଜଧାନୀରେ ହେବ ଶିକ୍ଷକଙ୍କ ମହା ସମାବେଶ। ଏଥିରେ ହଜାର ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହେବେ। ଦାବି ପୂରଣ ନହେବା ଯାଏଁ ସବୁ ବିଇଓ ଅଫିସ୍ ଆଗରେ ଆନ୍ଦୋଳନ ଜାରି ରହିବ। ଏବେ ୯ଟି ଶିକ୍ଷକ ସଂଘ ଆନ୍ଦୋଳନରେ ସାମିଲ ରହିଛନ୍ତି ବୋଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ।କେନ୍ଦ୍ରୀୟ ହାରରେ ବେତନ, ଠିକା ନିଯୁକ୍ତି ଉଚ୍ଛେଦ ଓ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ ଦାବି ଦେଇ ଶିକ୍ଷକମାନେ ଆନ୍‌ଦୋଳନ କରୁଛନ୍ତି। ଆନ୍‌ଦୋଳନ ୧୩ ଦିନରେ ପହଞ୍ଚିଲାଣି। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆନ୍‌ଦୋଳନରେ ସାମିଲ ହୋଇଥିବାରୁ ସ୍କୁଲରେ ପାଠ ପଢ଼ା ଏକ ରକମର ଠପ୍ ହୋଇଯାଇଛି। ଅନେକ ସ୍କୁଲରେ ଏବେ ତାଲା ଝୁଲୁଛି। ଆଉ ଯେଉଁ ସ୍କୁଲ ଖୋଲା ରହିଛି, ସେଠାରେ ପାଠ ପଢ଼ା ହେଉନି। ପିଲାମାନେ ସ୍କୁଲ ଯାଉଛନ୍ତି, ହେଲେ ସେମାନେ କେବଳ ମଧ୍ୟାହ୍ନ ଭୋଜନ ଖାଇ ପଳାଇ ଆସୁଛନ୍ତି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

## ଆଉ ୨ଦିନ ପ୍ରବଳ ବର୍ଷା ! ୧୨ ଜିଲ୍ଲାକୁ ଜାରି ହେଲା ଅରେଞ୍ଜ ୱାର୍ଣ୍ଣିଂ



ଭୁବନେଶ୍ୱର,୨୦।୯(ପି.ଏନ): ରାଜ୍ୟରେ ଲଗାତାର ବର୍ଷା ଜାରି ରହିଛି । ଫଳରେ ବର୍ଷାର ପରିମାଣ ବୃଦ୍ଧି ପାଇଛି । ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳସ୍ଥ ସମୁଦ୍ର ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାଦ୍ୱାରା ଗଣେଶ ପୂଜାରେ ରାଜଧାନୀ ଭୁବନେଶ୍ୱର ସମେତ ଦକ୍ଷିଣ ଓଡ଼ିଶା ଓ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷା ହୋଇଛି ।ଏହି ଲଘୁଚାପ ଆଗାମୀ ୨ ଦିନ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା-ଦକ୍ଷିଣ ଝାଡ଼ଖଣ୍ଡ ମଧ୍ୟ ଦେଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଥିବାରୁ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ଏହି ଲଘୁଚାପ ପ୍ରଭାବରେ ଗତକାଲି ଅପରାହ୍ନ ସମୟରୁ ରାଜଧାନୀରେ ମଧ୍ୟ ବର୍ଷା ଜାରି ରହିଛି । ସେହିପରି କଟକରେ ମଧ ବର୍ଷା ଦେଖିବାକୁ ମିଳିଛି ।କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ଗଞ୍ଜାମ, ବୌଦ୍ଧ, ବଲାଙ୍ଗିର, ସୋନପୁର, ବରଗଡ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାକୁ ମଧ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାକି ୧୮ ଜିଲ୍ଲାକୁ ପାଣିପାଗ ବିଭାଗର ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ରାହୁଲ ଲୋକସଭାରେ ଜାତିଗତ ଜନଗଣନା କରିବା ପାଇଁ ରଖିଲେ ଦାବୀ

ନୂଆଦିଲ୍ଲୀ, ୨୦।୯(ପି.ଏନ): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୁଧବାରଦିନ ନାରୀ ଶକ୍ତି ଅଧିନିୟମ ଉପରେ ଚର୍ଚ୍ଚା କରିବା ପ୍ରସଙ୍ଗରେ ଜାତିଗତ ଗଣନା କରିବା ପାଇଁ ଦାବି ରଖିଛନ୍ତି। ଏହା ସହିତ ସେ ମହିଳା ସରଂକ୍ଷଣ ନିୟମ ତୁରନ୍ତ ଲାଗୁ କରିବା ପାଇଁ ମଧ ଦାବି କରିଛନ୍ତି। କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଲୋକସଭାରେ ଜାତିଗତ ଗଣନା କରିବା ପ୍ରସଙ୍ଗ ଉଠାଇଛନ୍ତି । ସେ ସରକାର ଚଳାଉଥିବା ୯୦ ସଚିବଙ୍କ ଚିଠା ଉପସ୍ଥାପନ କରି କହିଛନ୍ତି ଯେ ଏମାନଙ୍କ ମଧ୍ୟରେ ମାତ୍ର ୩ ଜଣ ପଛୁଆ ବର୍ଗ ମହିଳା ଅଛନ୍ତି। ଏହାର ଅର୍ଥ ବାହାର କରି ସେ କହିଛନ୍ତି ଦେଶର ସମ୍ପୂର୍ଣ ବଜେଟରୁ ମାତ୍ର ୫ ପ୍ରତିଶତ ଓବିସି ହାତରେ ଅଛି । ରାହୁଲ କହିଛନ୍ତି ଦେଶରେ ଜଣାଯିବା ଦରକାର ଯେ ଦେଶରେ ପଛୁଆ ବର୍ଗ ସମାଜରୁ ଆସିଥିବା ମହିଳାଙ୍କ ସଂଖ୍ୟା କେତେ। ତେଣୁ ରାହୁଲ ଆହୁରି ମଧ କହିଛନ୍ତି ଯେ ସରକାର ମହିଳା ସଂରକ୍ଷଣ ବିଲ ଆଣିବା ପଛରେ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିଛନ୍ତି ।

## ପ୍ରମିଳା ମଲ୍ଲିକ ହେଲେ ବିଜେଡି ବାଚ୍‌ସ୍ପତି ପ୍ରାର୍ଥୀ



ଭୁବନେଶ୍ୱର,୨୦।୯(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଶାସକ ବିଜେଡି ଆଜି ନିଜର ବିଧାନସଭା ବାଚ୍‌ସ୍ପତି ପ୍ରାର୍ଥୀ ଭାବେ ଘୋଷଣା କରିଛି । ବିଜେଡି ଉପସଭାନେତ୍ରୀ ଶ୍ରୀମତୀ ମଲ୍ଲିକ ଆସନ୍ତାକାଲି ନିଜର ନାମାଙ୍କନ ପତ୍ର ଦାଖଲ କରିବେ ଓ ଅନ୍ୟ କୌଣସି ଦଳ ନିଜର ପ୍ରାର୍ଥୀ ଦେଉନଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବାଚ୍‌ସ୍ପତି ହେବା ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି । ଆଉ ତାଙ୍କର ବିଜୟ ସହ ସେ ଓଡିଶା ବିଧାନସଭାର ପ୍ରଥମ ମହିଳା ବାଚ୍‌ସ୍ପତି ହେବାର ଗୌରବ ମଧ ଲାଭ କରିବେ । ଗତ ଜୁନ୍ ୩ ତାରିଖରେ ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେବା ପରଠୁ ବାଚ୍‌ସ୍ପତି ପଦ ଖାଲି ପଡିଛି ।

## ମୂର୍ତ୍ତି ବିସର୍ଜନ ବେଳେ ମାଆ ଆଗରେ ଭାସିଗଲା ପୁଅ



ଭୁବନେଶ୍ୱର,୨୦।୯(ପି.ଏନ): ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଆମା ଆଗରେ ଭାସିଗଲା ପୁଅ। ଏପରି ହୃଦୟବିଦାରକ ଘଟଣା ରାୟଗଡା ଜିଲ୍ଲାରେ ଘଟିଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀମାନେ ଜୋରଦାର ଖୋଜାଖୋଜି କରିବାରେ ଲାଗି ପଡିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଭାସି ଯାଇଥିବା ଯୁବକଙ୍କୁ ଉଦ୍ଧାର କରାଯାଇପାରିନି।

## ଆଗୁଆ ଅତିରିକ୍ତ ବଜେଟ୍, ସାମ୍ବିଧାନିକ ବିଧିବ୍ୟବସ୍ଥାର ପରିପନ୍ଥୀ : ବିଜେପି

ଭୁବନେଶ୍ୱର,୨୦।୯(ପି.ଏନ): ଚଳିତବର୍ଷ ସ୍ୱାଭାବିକ ସମୟର ତିନି ମାସ ପୂର୍ବରୁ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବାକୁ ଯାଉଛି। ଅର୍ଥ ବିଭାଗ ୧୦ ରୁ ୩୧ ଜୁଲାଇ ସୁଦ୍ଧା ବିଭିନ୍ନ ବିଭାଗର ପ୍ରସ୍ତାବ ମାଗିଥିଲେ। ସାଧାରଣତଃ ଭାବେ ରାଜ୍ୟ ବା କେନ୍ଦ୍ରରେ ନଭେମ୍ବର ଓ ଡିସେମ୍ବର ମାସରେ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହୋଇଥାଏ। ସ୍ୱାଭାବିକ ଭାବେ ଅତିରିକ୍ତ ବଜେଟ ଉପସ୍ଥାପନ ହେବାର ୩ ମାସ ପୂର୍ବରୁ ଉପସ୍ଥାପିତ ହେଉଛି । ଏଥିରୁ ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟିକୋଣର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ରମାରଂଜନ ବଳିୟାରସିଂହ କହିଛନ୍ତି । ବୁଧବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି, ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୩୦ହଜାର କୋଟିର ଆର୍ଥିକ ବଜେଟ୍ ଉପସ୍ଥାପିତ କରିଛନ୍ତି, କିନ୍ତୁ ଦୁଃଖର କଥା ପ୍ରଥମ ୩ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୧୪.୬୩ ପ୍ରତିଶତ। ଗତବର୍ଷ ୨୦୨୨-୨୩ରେ ଏହି ସମୟରେ ଖର୍ଚ୍ଚ ମାତ୍ର ୧୨.୨୯ପ୍ରତିଶତ ଥିଲା ଏବଂ କୃଷି କ୍ଷେତ୍ରରେ ଉଭୟ ବର୍ଷ କ୍ରୟ ମାସିକ ଖର୍ଚ୍ଚ ମାତ୍ର ୧୬ପ୍ରତିଶତ। ଅତିରିକ୍ତ ବଜେଟ୍ ଆଣିବାରେ ବାଧା ନାହିଁ କିନ୍ତୁ ରାଜ୍ୟ ସରକାର ସମ୍ବିଧାନିକ ବିଧିବ୍ୟବସ୍ଥାର ଅନୁଚ୍ଛେଦ ୨୦୪, ୨୦୫ର ଉଲଙ୍ଘନ କରିଛନ୍ତି। ସମ୍ବିଧାନର ୨୦୫ ପରିଚ୍ଛେଦ ଅନୁଯାୟୀ ରାଜ୍ୟ ସରକାର ଉପଚ୍ଛେଦ ୨୦୪ ଅନୁଯାୟୀ ବ୍ୟୟବରାଦ ହୋଇଥିବା ଅର୍ଥ ଯଦି ନିଅଂଟ ହୋଇଥାଏ କିମ୍ବା ନିର୍ଦ୍ଦିଷ୍ଟ ଭାବେ କୌଣସି ଜରୁରୀ ଆବଶ୍ୟକ ଥାଏ, ତାହାଲେ ଅତିରିକ୍ତ ବଜେଟ୍ ଆଣିବା ପାଇଁ ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ବଜେଟ୍‌ର ବ୍ୟବସ୍ଥା ହୋଇଥିବା ଅର୍ଥର ମାତ୍ର ୧୫ ପ୍ରତିଶତ ଖର୍ଚ୍ଚ ହୋଇଥିବାବେଳେ, ଅତିରିକ୍ତ ବଜେଟ୍ ଆଣିବା ଏବଂ ନିର୍ଦ୍ଧାରିତ ସମୟର ୩ମାସ ପୂର୍ବରୁ ଆଣିବା ଦୁର୍ଭାଗ୍ୟଜନକ। ବିଗତ ଦଶନ୍ଧି ଧରି ବଜେଟ୍ ଅର୍ଥ ଅବ୍ୟବସ୍ଥିତ ଢଙ୍ଗରେ ଖର୍ଚ୍ଚ କରାଯାଉଛି ଏବଂ ଦୁର୍ନୀତି, ଭ୍ରଷ୍ଟାଚାର ପାଇଁ ସୁଯୋଗ ଦିଆଯାଉଛି। ପ୍ରତିବର୍ଷ ଡିସେମ୍ବର ସୁଦ୍ଧା ଅଧିକାଂଶ ବିଭାଗରେ ୩୦ ରୁ ୩୫ପ୍ରତିଶତ ଖର୍ଚ୍ଚ ହେଉଥିବାବେଳେ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ବଜେଟ୍‌ର ୭୦ପ୍ରତିଶତ ଖର୍ଚ୍ଚ ହେଉଛି । ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ସମ୍ପର୍କରେ ସଠିକ୍ ତଥ୍ୟ ରାଜ୍ୟ ନିକଟରେ ନଥିବା କାରଣରୁ ଆର୍ଥିକ ବ୍ୟୟ ବ୍ୟବସ୍ଥାରେ ଅସନ୍ତୁଳନ ଦେଖାଦେଉଥିଲା। ଏଣିକି କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କ୍ଷେତ୍ରରେ "ଜଷ୍ଟ୍ ଇନ୍ ଟାଇମ୍" ନୀତି ପ୍ରଚଳନ ହେଉଥିବାରୁ ଓଡ଼ିଶା ମଧ ଏହାକୁ ଆପଣାଇବାକୁ ବାଧ୍ୟ। ନିର୍ବାଚନ ପୂର୍ବରୁ ଘୋଷିତ ବିଜୁ ଯୁବବାହିନୀ, ପିଠା ଯୋଜନା, ମୋ ପୋଖରୀ, ଆମ ଗାଁ ଆମ ବିକାଶ ଗଲା କୁଆଡେ। ଦୁର୍ଭାଗ୍ୟର କଥା ବଜେଟ୍ ଗୋଟେ ଆଡେ ଘୋଷଣା ଗୋଟେ ଆଡେ। ରାଜ୍ୟ ସରକାର ଦିଶା, ଦିଗ, ଲକ୍ଷ୍ୟ ଯୋଜନା ବିହିନ। ଆନୁଆଲ ବଜେଟ୍ "ପିପୁଲ୍ସ ଗାଇଡ"ରେ ୨୦୧୬-୧୭ରେ ଏହା କୃଷି ଓ କୃଷକ କୈନ୍ଦ୍ରିକ କୁହାଗଲା ବେଳେ ୨୦୨୧-୨୨ ଏବଂ ୨୦୨୩-୨୪ରେ ପିପୁଲ୍ସ ଗାଇଡରେ କୁହାଗଲା ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା କୁହାଗଲା ଏବେ ନୂଆ ଓଡ଼ିଶା ନବୀନ ଓଡ଼ିଶା କୁହାଯାଉଛି। ମିଶନଶକ୍ତି ୫ଟି ଅକ୍ଷରରୁ ମିଶନ ଶବ୍ଦ ଛୋଟ "ଶକ୍ତି" ବଡ କରି ଲେଖାଯାଉଛି। ରାଜ୍ୟ ସରକାର ଆଉ ମିଶନ ମୋଡରେ ନାହାନ୍ତି, ରାଜନୀତିରେ ଭୋଟ ସଂଗ୍ରହ ପାଇଁ ଶକ୍ତି ସଂଗ୍ରହକୁ ଗୁରୁତ୍ୱ ଦେଉଛନ୍ତି। ୨୦୨୩-୨୪ରେ ୧୦ଟି ପ୍ରାୟୋରିଟ୍ ଡିପାଟମେଂଟ(ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ)ରେ ମହିଳା ମିକାଶର ନାଁ ନାହିଁ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି। ଗତ ୨ଦିନ ତଳେ ମନ୍ତ୍ରୀମଣ୍ଡଳ ବୈଠକରେ ୧ହଜାର ନୂଆବସ୍ କିଣାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ୨୦୧୦ରୁ ପ୍ରଚଳିତ କେନ୍ଦ୍ରୀୟ ଜବାହାରଲାଲ ନେହେରୁ ସ୍କିମ୍‌ରେ କେନ୍ଦ୍ର ୭୦ପ୍ରତିଶତ ସବ୍‌ସିଡି ଦେଲାବେଳେ ରାଜ୍ୟ ସରକାର ଅପରେଟମାନଙ୍କ ଠାରୁ ୩୦ପ୍ରତିଶତ ସହଯୋଗ ରାଶି ସଂଗ୍ରହ କଲେ। ଦେଢ଼ ବର୍ଷକାଳ ବସ୍ ପଡିରହିଲା, ଏବେ ୫୦୦ବସ୍ ଖତ ଖାଉଛି। ନୂଆ ଗାଡି କିଣା ଯାଇ ପ୍ରମୋଟରମାନଙ୍କୁ ଯାତ୍ରୀ ବସନ୍ତୁ ନବସନ୍ତୁ କିଲୋମିଟର ପିଛା ପଇସା ଦେବା ଦିଲ୍ଲୀ, ବମ୍ବେ, ତାମିଲନାଡୁ ପ୍ରମୋଟରଙ୍କୁ ଉତ୍ସାହିତ କରିବା ଉର୍ଦ୍ଦେଶ ନୁହେଁ ତ ? ଓଡ଼ିଶାରେ ଯେଉଁ ୫ହଜାରରୁ ଉର୍ଦ୍ଧ୍ୱ ପ୍ରାଇଭେଟ୍ ବସ୍ ଚାଲିଛି ସେହି କର୍ମଚାରୀମାନଙ୍କ ଜୀବନ ଜୀବିକା କ'ଣ ହେବ। ବସ୍ ଗୁଡିକର କ୍ରୟ ବ୍ୟବସ୍ଥା ଉପଯୁକ୍ତ ମୂଲ୍ୟଠାରୁ ଯଥେଷ୍ଟ ଅଧିକ ନୁହେଁ କି ବୋଲି ଶ୍ରୀ ବଳିୟାରସିଂହ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ଉପସ୍ଥିତ ଥିଲେ।

## ନୂଆଖାଇରେ ଚାଷୀ ପାଇଲେ କାଳିଆ ସହାୟତା

ଭୁବନେଶ୍ୱର,୨୦।୯(ପି.ଏନ): ପବିତ୍ର ନୂଆଁଖାଇ ପର୍ବ ଅବସରରେ ରାଜ୍ୟର ୪୪ ଲକ୍ଷ ୫୬ ହଜାର ଚାଷୀ ପରିବାର କାଳିଆ ସହାୟତା ପାଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସହାୟତା ପ୍ରଦାନ କରିଛନ୍ତି। ରବି ଫସଲ ପାଇଁ ଏହି ସହାୟତା ଦିଆଯାଇଛି। ପ୍ରତ୍ୟେକ ଚାଷୀ ପରିବାରଙ୍କ ବ୍ୟାଙ୍କ୍ ଆକାଉଂଟ କୁ ୨୦୦୦ ଟଙ୍କା ଦିଆଯାଇଛି। ଏଥିରେ ୪୩ ଲକ୍ଷ ୮୮ ହଜାର କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଥିବା ବେଳେ ୬୮ ହଜାର ୭୫୦ ଜଣ ଭୂମି ହୀନ ଚାଷୀ ପରିବାର ଅଛନ୍ତି ।ଏହି ଅବସର ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆଁଖାଇ ର ଶୁଭେଚ୍ଛା ଜଣାଇ କହିଲେ ଯେ ଚାଷୀ ଆମର ଗୌରବ। ମୋ ରାଜ୍ୟର ଚାଷୀ ପରିବାର ସମ୍ମାନର ସହ, ସ୍ୱାଭିମାନର ସହ ବଂଚୁ ବୋଲି ସେ ଚାହାନ୍ତି। ବିକାଶର ସୁଫଳରେ ଚାଷୀ ସାମିଲ ହେଉ ବୋଲି ସେ କହିଛନ୍ତି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ପର୍ଯ୍ୟନ୍ତ କାଳିଆ ଯୋଜନାରେ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ୧୨,୫୦୦ କୋଟି ଟଙ୍କାର ସହାୟତା ଦିଆଯାଇଛି। ଚାଷୀ ପରିବାରର ପିଲାମାନେ ଡାକ୍ତର, ଇଂଜିନିୟର ହୋଇ, ଭଲ ଭଲ ପ୍ରଫେସନରେ ଯୋଗ ଦିଅନ୍ତୁ ବୋଲି ସେ ଚାହାନ୍ତି। ଏହାଦ୍ୱାରା ସେମାନେ ନିଜ ପରିବାର ପାଇଁ, ସାରା ରାଜ୍ୟ ପାଇଁ ସୁନାମ ଆଣି ପାରିବେ ବୋଲି ମୁଖ୍ୟ ମନ୍ତ୍ରୀ କହୁଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଫସଲ ବୀମାର ପ୍ରିମିୟମ୍ ଦେଉଛନ୍ତି। ଏ ବର୍ଷ ୨୨ ଲକ୍ଷରୁ ଅଧିକ ଚାଷୀ ବୀମା ପାଇଁ ପଞ୍ଜିକରଣ କରି ସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୃଷି ପାଇଁ ରାଜ୍ୟ ସରକାର ବହୁତ୍ ଯୋଜନା କରିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚାଷୀ ମାନେ ଏହାର ସୁଯୋଗ ନେଇ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ରାଜ୍ୟ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂର ଦୃଷ୍ଟି ଯୋଗୁ ରାଜ୍ୟରେ ଅନେକ କୃଷି କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ସେଥି ମଧ୍ୟରୁ କାଳିଆ ଯୋଜନା ସ୍ୱତନ୍ତ୍ର। ଏହା ଯୋଗୁ ଚାଷୀ ମାନେ ଆଉ ବେସରକାରୀ ଅର୍ଥ ଲଗାଣ କାରି ସଂସ୍ଥା କିମ୍ବା ଗାଁ ସାହୁକାର ଉପରେ ନିର୍ଭର କରୁନାହାନ୍ତି। ନିଜ ଉପରେ ଚାଷୀ ମାନଙ୍କ ଆସ୍ଥା ବଢ଼ିଛି। ଗତ ଚାରି ବର୍ଷରେ ରାଜ୍ୟରେ କ୍ରମାଗତ ଭାବେ ରେକର୍ଡ ଉତ୍ପାଦନ ହେଉଛି ବୋଲି ସେ କହିଥିଲେ। ରାଜ୍ୟ ସରକାର କିଛି ବର୍ଷ ହେବ ଜେଣ୍ଡର ବଜେଟିଂ କରୁଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଯୋଜନାର ଅତି କମରେ ୩୦-୩୫ ପ୍ରତିଶତ ଅର୍ଥ ମହିଳା ମାନଙ୍କ ପାଇଁ ଖର୍ଚ୍ଚ ହେଉଛି ।ଏହି ଅବସରରେ କେତେକ କାଳିଆ ହିତାଧିକାରୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲ୍ଲାରେ ଅଧିକାରୀ ଓ ହିତାଧିକାରୀ ମାନେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ କଲ୍ୟାଣ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଓ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରଥିଲେ ।ସୂଚନା ଯୋଗ୍ୟ ଯେ କାଳିଆ ସହାୟତା ରେ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କୁ କୃଷି ପାଇଁ ବିହନ, ସାର, ରୋଗ ପୋକ ପାଇଁ ଔଷଧ ଓ ଯାନ୍ତ୍ରିକ ଉପକରଣ କିଣିବା ପାଇଁ ସିଧା ସଳଖ ସହାୟତା ଦିଆଯାଉଛି। ଏହା ଦ୍ୱାରା ସେମାନେ ଋଣ ଗ୍ରସ୍ତ ହେବାର ସମ୍ଭାବନା ରହୁ ନାହିଁ। ଏହା ସହିତ ଭୂମି ହୀନ ଚାଷୀ ମାନଙ୍କୁ ବିଭିନ୍ନ ଜୀବିକା ପାଇଁ ଯଥା ଛେଳି, କୁକୁଡ଼ା, ବତକ ପାଳନ, ମହୁ ଚାଷ, ଛତୁ ଚାଷ ଆଦି ପାଇଁ ମଧ୍ୟ ଏହି ସହାୟତା ଦିଆଯାଉଛି।

## ନୂଆଁଖାଇ ପର୍ବ ପାଇଁ ଚଳଚଞ୍ଚଳ ପଶ୍ଚିମ ଓଡ଼ିଶା, ମା’ ସମଲେଶ୍ୱରୀଙ୍କ ପାଖରେ ଲାଗିବ ନବାର୍ଣ୍ଣ



ସମ୍ବଲପୁର,୨୦।୯(ପି.ଏନ): ଆଜି ନୂଆଁଖାଇ ପର୍ବ ପାଇଁ ସାରା ପଶ୍ଚିମ ଓଡିଶା ଚଳଚଞ୍ଚଳ ହୋଇଉଠିଛି । ଏହି ପର୍ବକୁ ପଶ୍ଚିମ ଓଡିଶାର ଗଣପର୍ବ ବୋଲି କୁହାଯାଏ । ତେବେ ଏହି ନୂଆଁଖାଇ ପର୍ବରେ ସମସ୍ତେ ନୂଆ ବସ୍ତ୍ର ପିନ୍ଧି, ନୂଆ ଶସ୍ୟରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି । ଏହି ପର୍ବ ଏକ କୃଷି ଭିତ୍ତିକ ପର୍ବ ଅଟେ । ସେଥିପାଇଁ କେବଳ ପଶ୍ଚିମ ଓଡିଶା ନୁହେଁ ସାରା ରାଜ୍ୟରେ ମଧ ନୂଆଁଖାଇ ପର୍ବକୁ ପାଳନ କରାଯାଉଛି । କ୍ଷେତରେ ଅମଳ ହୋଇଥିବା ଶସ୍ୟକୁ ପ୍ରଥମେ ରନ୍ଧା ଯାଇ ଠାକୁରଙ୍କୁ ସମର୍ପଣ କରାଯାଏ ଏବଂ ଏହାପରେ ଘରେ ସମସ୍ତେ ଏହାକୁ ଖାଇଥାନ୍ତି । ତେଣୁ ପଶ୍ଚିମ ଓଡିଶାରେ ମଧ ନୂଆଁଖାଇ ପର୍ବରେ ଇଷ୍ଟ ଦେବୀ ମାଆ ସମଲେଶ୍ୱରୀଙ୍କ ପାଖେ ନବାର୍ଣ୍ଣ ଭୋଗ ଲାଗିଥାଏ ।ଆଜି ପଶ୍ଚିମ ଓଡିଶାର ଘରେ ଘରେ ପାଳନ ହେଉଛି ନୂଆଁଖାଇ । ତେଣୁ ରାଜ୍ୟ ବାହାରେ ରହୁଥିବା ଲୋକେ ଉତ୍ସବକୁ ପାଳନ କରିବା ଲାଗି ନିଜ ଘରକୁ ଫେରିଛନ୍ତି । ଘରେ ଘରେ ପିଠା ପଣାର ସୁଗନ୍ଧ ମହକିତ ହେଉଛି । ଅନେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ ମଧ ଦେଖିବାକୁ ମିଳୁଛି । ଏହା ମଧ୍ୟରେ ଆଜି ସକାଳ ୧୦ଟା ୨୭ରୁ ୨୪ ମଧ୍ୟରେ ମାଆ ସମଲେଶ୍ୱରୀଙ୍କ ପାଖେ ନବାର୍ଣ୍ଣ ଭୋଗ ଲାଗି ହେବ । ମାଆଙ୍କ ମୁଖ୍ୟ ପୂଜକ ଏହାକୁ ସମଲେଶ୍ୱରୀଙ୍କୁ ଅର୍ପଣ କରିବେ ।ଇଷ୍ଟ ଦେବୀଙ୍କ ଏହି ନବାର୍ଣ୍ଣ ଭୋଗ ପରେ ସମସ୍ତେ ନୂଆ ଖାଇବେ । ଏହାପରେ ସମସ୍ତେ ଗୁରୁଜନ ମାନଙ୍କୁ ଜୁହାର ହେବେ ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକୁ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥିନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ






ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୧

*ସମ୍ପାଦକଙ୍କୁ ପତ୍ର*

## ବିଦ୍ୟାଳୟ ଗଣଶିକ୍ଷା ବିଭାଗର ନୀୟମାବଳୀକୁ ତୀବ୍ର ବିରୋଧ
## ଶିକ୍ଷାନୁଷ୍ଠାନରେ ପ୍ରତିମୂର୍ତ୍ତି ସ୍ଥାପନ ମାର୍ଗଦର୍ଶୀକାର ପରିବର୍ତ୍ତନ ଦାବୀ

– ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟ ସରକାର ସବୁବେଳେ ଜନ ଭାଗୀଦାରିତାକୁ ଅବହେଳ କରି ଚାଲିଛନ୍ତି ବୋଲି ଯାଜପୁର ଜିଲ୍ଲାର ଅଖିଳଚକ୍ର ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ କୁହାଯିବା ସହିତ ଶିକ୍ଷାନୁଷ୍ଠାନର ପ୍ରତିମୂର୍ତ୍ତି ସ୍ଥାପନର ନୀୟମାବଳୀକୁ ତୀବ୍ର ବିରୋଧ କରିଛନ୍ତି। ଗତ ଜୁନ ମାସ ୨୨ ତାରିଖ ଦିନ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ତରଫରୁ ବିଦ୍ୟାଳୟ ପ୍ରାଙ୍ଗଣରେ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଏକ ନୈରାଶ୍ୟଜନକ ପଦକ୍ଷେପ ନେଇଛନ୍ତି। ଯାହା ସରକାରଙ୍କ ଅସହିଷ୍ଣୁତା ଓ ସଂସ୍କୃତି ବିରୋଧି ମାନସିକତାକୁ ପ୍ରମାଣିତ କରିଛି। ବିଦ୍ୟାଳୟ ପ୍ରାଙ୍ଗଣରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଯେଉଁ ନୀୟମାବଳୀ ଧାର୍ଯ୍ୟ କରାଯାଇଛି ସେଥିରେ କେବଳ ଯେଉଁ ବ୍ୟକ୍ତି ମାନଙ୍କର ଜାତି ଗଠନରେ ଅଥବା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବାରେ କିମ୍ବା ଓଡିଆ ଭାଷା ସାହିତ୍ୟ କ୍ଷେତ୍ରରେ ଯଥେଷ୍ଟ ଅବଦାନ ଥିବ,ସେହିପରି ବ୍ୟକ୍ତି ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପାରିବ। ସେଥିପାଇଁ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କଠାରୁ ଅନୁମତି ନେବାକୁ ପଡିବ ବୋଲି ଅଙ୍କୁଶୀ ଲଗାଇଛନ୍ତି। ଏହାର ଅର୍ଥ ଭାଷା ସାହିତ୍ୟ ବ୍ୟତୀତ ଅନ୍ୟ କ୍ଷେତ୍ରରେ ଦେଶରେ ପ୍ରତିଷ୍ଠା ଲାଭ କରିଥିବା ବୈଜ୍ଞାନିକ,ସାରସ୍ୱତ ସାଧକ, ବହୁ ତ୍ୟାଗ କରି ସ୍କୁଲ ଗଠନ କରିଥିବା ବ୍ୟକ୍ତି, ଆଦର୍ଶ ଶିକ୍ଷକ, , ଆଜୀବନ ଦେଶ ସେବକ, ନୂତନ ଉଦ୍ଭାବକ, ଦାର୍ଶନିକ ଏବଂ ପଠାଣି ସାମନ୍ତ, ପ୍ରାଣକୃଷ୍ଣ ପରିଜାଙ୍କ ଭଳି ଯଶସ୍ୱୀ ବିଦ୍ୱାନ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଉ ସମ୍ଭବ ହୋଇ ନପାରେ। ମୂର୍ତ୍ତି ନିର୍ବାଚନ ପ୍ରକ୍ରିୟାରେ କଠୋର ନୀୟମ ଓ ଦୀର୍ଘ ପ୍ରକ୍ରିୟା ଲାଗୁ କରିଛନ୍ତି। ମୂର୍ତ୍ତି ସ୍ଥାପନ ପାଇଁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରୀତ ଫର୍ମରେ ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭକରି ପରିଚାଳନା କମିଟି, ଜିଲ୍ଲା ଶିକ୍ଷାଧିକାରୀ. ଜିଲ୍ଲାପାଳ,ଜିଲ୍ଲାପାଳଙ୍କ ଅଧିନରେ ଗଠିତ କମିଟି ,ଯେଉଁ କମିଟିରେ ଥିବେ ବିଡିଓ, ତହସିଲଦାର.ପୁଲିଶ ଅଧିକ୍ଷକ,ଉପଜିଲ୍ଲାପାଳ,ଜିଲ୍ଲା ଶିକ୍ଷାଧିକାରୀ,ଜିଲ୍ଲା ସଂସ୍କୃତି ଅଧିକାରୀଙ୍କଠାରୁ ସୁପାରିଶ ମିଳିଲେ ଜିଲ୍ଲାପାଳ ଅନୁମୋଦନ ସହ ଶିକ୍ଷା ନିର୍ଦ୍ଦେଶକ ପାଖକୁ ପଠାଇବେ। ସେ ଏଥିରେ ସହମତ ହେଲେ ତାହା ଶିକ୍ଷା ସଚିବଙ୍କ ପାଖକୁ ଯିବ। ଶିକ୍ଷା ସଚିବ ସମସ୍ତ ସୁପାରିଶ ପତ୍ର ସହ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ପଠାଇବେ। ମତାମତ ଗୁଡିକୁ ତର୍ଜମା କରି ମନ୍ତ୍ରୀ ସନ୍ତୁଷ୍ଟ ହେଲେ ଅନୁମତି ଦେବେ। ଯାହା ଗୋଟିଏ କିମ୍ବା ଦୁଇବର୍ଷ ଲାଗିବ, ଅନୁମତି ପାଇବା ପାଇଁ। ଏଥିରେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ କେବେ ହେଲେ ଇଚ୍ଛା କରିବେ ନାହିଁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ। କାରଣ ସରକାର ଏଥିପାଇଁ ବାଧା ସୃଷ୍ଟି କଲେ ବୋଲି କୁହାଯିବ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏଭଳି ପ୍ରକ୍ରିୟାକୁ ସାରା ଓଡିଶାରୁ ପ୍ରତିବାଦ କରାଯିବା ପାଇଁ ସମ୍ପାଦକ ହରେକୃଷ୍ଣ ପଣ୍ଡା ଆହ୍ୱାନ ଜଣାଇଛନ୍ତି। ସେ ଏକ ପ୍ରେସ ବିବୃତି ଦେଇ କହିଛନ୍ତି ଯେ ସରକାର ଓଡିଶାର ସମସ୍ତ ସାଂସ୍କୃତିକ ଅନୁଷ୍ଠାନକୁ ପ୍ରୋତ୍ସାହନ ନଦେଇ ନିଜେ ସଂସ୍କୃତି ବିଭାଗର ଅର୍ଥକୁ ବ୍ୟବହାର କରୁଥିବା ବେଳେ ,ଅମଲାତନ୍ତ୍ର ନିଜର ଓ ଦଳୀୟ ନେତାଙ୍କର ପ୍ରତିଷ୍ଠା ପାଇଁ ସବୁ କାର୍ଯ୍ୟକ୍ରମ ଏପରିକି ସାହିତ୍ୟ ଏକାଡେମୀ ପୁରସ୍କାରକୁ ମଧ୍ୟ ସରକାରୀ କରଣ କରି ଦେଇଛନ୍ତି। ଶେଷରେ ବରପୁତ୍ର ମାନଙ୍କ ଜୟନ୍ତୀ ନିଜେ ଚାରିକାନ୍ଥ ଭିତରେ ପାଳନ କରି ଅନୁଦାନ ଅର୍ଥକୁ ବିନିଯୋଗ କରି ଚାଲିଛନ୍ତି। ଯେଉଁ ଅଧିକାରୀ ମାନଙ୍କୁ ସଂପୃକ୍ତ କରାଯାଇଛି ସେମାନଙ୍କ ନିଜ ଦାୟିତ୍ୱ ଥିବା ବେଳେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କେତେ ପ୍ରତିବଦ୍ଧତା ରହିବ ତାହା ସନ୍ଦେହାତ୍ମକ। ଯେଉଁମାନେ ଏହି ନିୟମ କରୁଛନ୍ତି ସେମାନେ ଦେଶର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାର , ଏବଂ କାହିଁକି ଶିକ୍ଷାନୁଷ୍ଠାନରେ କରାଯାଏ ତାହାର ଉଦ୍ଦେଶ୍ୟ ଜାଣି ନଥିବା ପରି ଲାଗୁଛି। ପଥର ବା ଧାତୁରେ ନିର୍ମିତ ପ୍ରତିମୂର୍ତ୍ତିଟିଏ ନିର୍ଜୀବ ହୋଇ ପାରେ କିନ୍ତୁ ତାହା ଯେ ଗୋଟିଏ ଦେଶର ଗୌରବ, ଦେଶପ୍ରେମ ସଂସ୍କୃତି ଓ ପରମ୍ପରାରକୁ ଉଜୀବିତ କରୁଛି ,ପୁର୍ବପୁରୁଷଙ୍କ ବୀରତ୍ୱ ଓ ବଳୀଦାନର ଗାଥାକୁ ଉଦ୍‌ଭୁଧ କରୁଛି , ପିଲାମାନଙ୍କୁ ସଫଳ ମଣିଷ ହେବାର ନିରନ୍ତର ପ୍ରେରଣା ଯୋଗାଉଛି ,ଏ କଥାକୁ କିଏ ଅସ୍ୱୀକାର କରିବ ? ଏଥିପାଇଁ ଏହି ନୀୟମାବଳୀର ପରିବର୍ତନ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟିକୁ ସ୍ୱାଧିନ ଦାୟିତ୍ୱ ଦିଆଯିବା ପାଇଁ ଅଖିଳଚକ୍ର ପକ୍ଷରୁ ବିଶିଷ୍ଟ ବୁଦ୍ଧିଜୀବୀ ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ଗୋବିନ୍ଦ ସ୍ୱାଇଁ ,କବି ଅଜୟ କୁମାର ଓଝା, ପୀତାମ୍ବର ସ୍ୱାଇଁ,ଅଭୟ ଖୁଂଟିଆ ପ୍ରମୁଖ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଛନ୍ତି।

ହରେକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ଅଖିଳଚକ୍ର
ସୟଦପୁର, ଯାଜପୁର, ମୋ : ୯୪୩୭୩୧୫୬୨୩

# ଖୁଦୁରୁକୁଣୀ ଓଷା



ତପସ୍ୱିନୀ ପଟ୍ଟନାୟକ

ଶରତ ଋତୁରେ ପଡୁଥିବା ପର୍ବପର୍ବାଣି ମଧ୍ୟରୁ ଖୁଦୁରୁକୁଣୀ ଓଷା ଭାଦ୍ରବ ମାସର ପ୍ରତି ରବିବାର ଦିନ ପାଳିତ ହୋଇଥାଏ । ଏହା କୁମାରୀଙ୍କର ପର୍ବ । ଏହି ପର୍ବ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସହିତ ସଂପୃକ୍ତ ଥିବାରୁ, ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲା କଟକ, ପୁରୀ, ବାଲେଶ୍ୱର ପ୍ରଭୃତିରେ ପାଳିତ ହୋଇଥାଏ । ସେ ଦିନ କୁମାରୀମାନେ ସାରୁପତ୍ର ବା କଦଳୀ ମଞ୍ଜିରେ ଫୁଲତୋଡ଼ା ଖୋସି ମଙ୍ଗଳା ମୂର୍ତ୍ତି ପୂଜା କରନ୍ତି । ଭାଦ୍ରବ ମାସର ଶେଷ ରବିବାର ଦିନ ଏହି ପୂଜା ଉଦ୍‌ଯାପିତ ହୁଏ । ଏହି ପୂଜା ସହିତ ପ୍ରାଚୀନ ଉତ୍କଳର ଏକ ଜଣାଶୁଣା ଉପାଖ୍ୟାନ ଜଡ଼ିତ । ଏହି ଉପାଖ୍ୟାନ ସାଧବ ଝିଅ ତଅପୋଇର କାହାଣୀ । ଖୁଦୁରୁକୁଣୀ ଓଷାରେ କୁମାରୀମାନେ ମା'ମଙ୍ଗଳାଙ୍କୁ ପୂଜା କରନ୍ତି । ସ୍ୱର୍ଗୀୟ ଗୋପୀନାଥ ଦାସଙ୍କ ରଚିତ 'ଖୁଦୁରୁକୁଣୀ ଓଷା' ପୁସ୍ତକରେ ଲେଖାଅଛି ଯେ ସାଧବ ଘରର ସାତଭାଇଙ୍କର ଅଳିଅଳ ଭଉଣୀ ତଅପୋଇ ପିଲାଦିନରୁ ବହୁ ଆଦରରେ ବଢ଼ିଥିଲା । ସେ ଯେତେବେଳେ ଯାହା ଚାହୁଁଥିଲା, ବାପା ଭାଇ ତାହା ପୂରଣ କରିଦେଉଥିଲେ । ଖେଳିବା ପାଇଁ ସୁନାର କୁଲେଇ ଚାହିଁଲେ ମଧ୍ୟ ତାହା ଗଢ଼ିଦେବା ପାଇଁ ତାର ବାପା-ଭାଇ ପଛାଉନଥିଲେ । ବାପା ମା ମଲାପରେ ସାତଭାଇ, ସାତ ଭାଉଜ ତାକୁ ଆଦର ଯତ୍ନରେ କୌଣସି ଅବହେଳା ଦେଖେଇନଥିଲେ । କିନ୍ତୁ ମଣିଷର ଭାଗ୍ୟ ସବୁବେଳେ ସମାନ ଯାଏନାହିଁ । ସାତଭାଇ ବାଣିଜ୍ୟ ପାଇଁ ବିଦେଶକୁ ଯାଇଥିବାବେଳେ ସାନଭାଉଜକୁ ଛାଡ଼ି ଆଉ ଛଅ ଭାଉଜ ପରଶିଖାଣରେ ପଡ଼ି ତଅପୋଇକୁ ବହୁତ କଷ୍ଟ ଦେଲେ । ଛେଳି ଜଗିବାକୁ ବଣକୁ ପଠେଇଲେ । ଦିନେ ଘରର ଆଦରର ଛେଳି ଘରମଣି ବଣରେ ହଜିଗଲା । ତେଣୁ ତଅପୋଇକୁ ବହୁତ ଗଞ୍ଜଣା ସହିବାକୁ ହେଲା । ବଣରେ ସେ ଘରମଣିକୁ ବହୁତ ଖୋଜିଲା । ଯୋଗକୁ ସେଦିନ ଖୁଦୁରୁକୁଣୀ ଓଷା ପଡ଼ିଥିଲା । ତଅପୋଇ ଖୁଦଚାଉଳ ଭିକ୍ଷାକରି ମା ମଙ୍ଗଳାଙ୍କୁ ପୂଜାକରି ଘରମଣିକୁ ଫେରିପାଇଲା । ଭାଇମାନଙ୍କର ଶୁଭ ମନାସି ଏହି ଓଷା କରିବାରୁ ତଅପୋଇର ଭାଇମାନେ ସର୍ବକୁଶଳରେ ସ୍ୱଦେଶକୁ ଫେରିଆସିଥିଲେ ଓ ତଅପୋଇ ଭାଗ୍ୟରେ ମଧ୍ୟ ପରିବର୍ତ୍ତନ ଘଟିଲା । କୁମାରୀମାନଙ୍କ ମଧ୍ୟରେ ଧର୍ମଭାବ ଉଦ୍ରେକ କରିବା ଦିଗରେ ଏହା ଯୁଗଯୁଗରୁ ପ୍ରେରଣା ଯୋଗାଇ ଆସିଛି । ପରିବାରରେ ସୁଖଶାନ୍ତି ପାଇଁ ନଣନ୍ଦ ଭାଉଜ ମଧ୍ୟରେ କି ପ୍ରକାର ସୌହାର୍ଦ୍ଦ୍ୟ ରହିବା ଆବଶ୍ୟକ ହୁଏ, ତାହା ପ୍ରତି ଏହି ଉପାଖ୍ୟାନଟି ଦୃଷ୍ଟି ଆକର୍ଷଣ କରେ । ଖୁଦୁରୁକୁଣୀ ଓଷା ଦିନ କୁମାରୀମାନେ ପ୍ରାତଃକାଳରେ ଶଯ୍ୟା ତ୍ୟାଗ କରି ଚାଙ୍ଗୁଡ଼ି ଧରି ଫୁଲତୋଳି ଯାଆନ୍ତି । ନଦୀ ବା ପୁଷ୍କରିଣୀରେ ସ୍ନାନକରି ସେଠାରେ ମାଟିରେ ଗୋଟିଏ ଦେଉଳ ତୋଳନ୍ତି । ତହିଁରେ ବଜ୍ରମୂଳା ଦାନ୍ତକାଠି ଆଦି ପୋତି ଫୁଲରେ ସଜାଇ ଦିଅନ୍ତି । ଭୋଗ ଲଗାଇ ଘରକୁ ଫେରନ୍ତି । ଘରେ ପ୍ରଥମେ ଲୁଣ ନପକାଇ ଅଢ଼େଇଗୁଣ୍ଡା ପଖାଳ ଭାତ ଖାଇ ସାରିବା ପରେ ଲୁଣ ପକାଇ ଖାଆନ୍ତି । ସମସ୍ତେ ମିଶି ଫୁଲ ଗୁନ୍ଥନ୍ତି । ଢ଼ିଙ୍କିଶାଳ ଲିପାପୋଛା ହୋଇଥାଏ । ସେହିଘରେ ମଙ୍ଗଳାଙ୍କୁ ସ୍ଥାପନା କରନ୍ତି । ଫୁଲମାଳ ଆଦି ଲମ୍ବାଇ ଘରକୁ ସଜାଇ ଦିଅନ୍ତି । ଝୋଟିଚିତା ଆଦି ଦିଆହୁଏ । ଖୁଦୁରୁକୁଣୀ ବ୍ରତକଥା ପଢ଼ାଯାଏ । ଶେଷରେ ମଙ୍ଗଳାଙ୍କଠାରେ ଭୋଗ ଲାଗିବା ପରେ ପିଲାଙ୍କୁ ବଣ୍ଟାଯାଏ । ଓଡ଼ିଶାର କେତେକ ସ୍ଥାନରେ ଏହା 'ଭାଲୁକୁଣୀ ଓଷା' ନାମରେ ମଧ୍ୟ କଥିତ ହୋଇଥାଏ । ଖୁଦୁରୁକୁଣୀ ପୂଜାଦିନ ସନ୍ଧ୍ୟାରେ କୁମାରୀମାନେ ପୂଜାସ୍ଥାନରେ ସମବେତ ହୋଇ ପୂଜା ପରେ ପୁଚିଖେଳ ଖେଳିଥାନ୍ତି । ପୁଚିଖେଳ ଓ ପୁଚିଖେଳର ପ୍ରତିଯୋଗିତା ଖୁଦୁରୁକୁଣୀ ଓଷାର ଏକ ଅବିଚ୍ଛେଦ୍ୟ ଅଂଶ କହିଲେ ଅତ୍ୟୁକ୍ତି ହେବନାହିଁ । ମଙ୍ଗଳାଙ୍କର ପୂଜା କରାଯାଉଥିଲେ ମଧ୍ୟ ଠାକୁରାଣୀଙ୍କୁ ଖୁଦୁରୁକୁଣୀ ବୋଲି କାହିଁକି କୁହାଯାଏ, ତଅପୋଇ କଥାରେ ତାର ସୂଚନା ମିଳେ । ଠାକୁରାଣୀଙ୍କର ଖୁଦ୍ ଅତି ପ୍ରିୟ ବସ୍ତୁ ହୋଇଥିବାରୁ ବାସ୍ତବିକ ସେ ଖୁଦରଙ୍କୁଣୀ । ଖୁଦୁରୁକୁଣୀ ଶବ୍ଦଟି ଏହି 'ଖୁଦରଙ୍କୁଣୀ' ଶବ୍ଦର ଅପଭ୍ରଂଶ ମାତ୍ର ।

*ଶିକ୍ଷାବିତ, ମହାନଦୀ ବିହାର, କଟକ*

# ନିଜ ଭିତରେ ଶାନ୍ତି



ଯଶସ୍ୱିନୀ ପଟ୍ଟନାୟକ

ଆଜି ବିଶ୍ୱ ଶାନ୍ତି ଦିବସ। ପ୍ରତିବର୍ଷ ଚଳିତ ବର୍ଷର ବିଷୟବସ୍ତୁ ରହିଛି – 'ଶାନ୍ତି ପାଇଁ କାର୍ଯ୍ୟ : ବିଶ୍ୱ ଲକ୍ଷ୍ୟ ପାଇଁ ଆମର ଅଭିଳାଷ'। ଜାତିସଂଘର ଅନୁମୋଦନ କ୍ରମେ ୧୯୮୨ରୁ ପ୍ରତିବର୍ଷ ସେପ୍ଟେମ୍ବର ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶାନ୍ତି ଦିବସ। ଏହାକୁ ବିଶ୍ୱ ଶାନ୍ତି ଦିବସ ମଧ୍ୟ କୁହାଯାଏ। ବିଶ୍ୱ ଶାନ୍ତି ପାଇଁ ଦିନଟି ଉତ୍ସର୍ଗୀକୃତ। ଏହି ଦିନରେ ନିଉ ୟର୍କସ୍ଥିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ ଶାନ୍ତି ଘଣ୍ଟି ବଜାଯାଏ। ଶାନ୍ତି ଏକ ଅମୂଲ୍ୟ ସଂପଦ ହୋଇଥିଲେ ହେଁ ଯୁଗ ଯୁଗ ଧରି ମାନବ ସମାଜ ହିଂସାର ଶିକାର। ସଭ୍ୟତାର ଅଗ୍ରଗତି ସହ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇପାରିଛି। ହେଲେ, ମଣିଷ ନିଜର ଏହି ଆଦିମ ପ୍ରବୃତ୍ତି ହିଂସା ପରିତ୍ୟାଗ କରିପାରିନାହିଁ। ହିଂସା, ଆତଙ୍କ ଓ ଯୁଦ୍ଧର ଦୁଃସ୍ୱପ୍ନ ମଧ୍ୟରେ ମଣିଷ ବଞ୍ଚୁଛି ଏବଂ ଭୋଗୁଛି। ଶାନ୍ତି ସହାବସ୍ଥାନରେ ହିଁ ସମଗ୍ର ବିଶ୍ୱର ମଙ୍ଗଳ। ଏ ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି । ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖୀ ହୋଇପାରେ । ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ୱାକାଂକ୍ଷୀ ପିତା ହୋଇପାରୁ, ଧର୍ମାନୁଷ୍ଠାନ ପାଇଁ ସହଯୋଗ ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନୁ। ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି । ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ସର୍ବନିମ୍ନ ଆଧ୍ୟାତ୍ମିକ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ? ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଅବସରରେ

# ସତ୍ୟାନୁସରଣରେ ଜୀବନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳୀ ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ୍ୟ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ' ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗୀର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ – 'ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନା ପି ଧ୍ରିୟତେ ସ ଧର୍ମଃ' ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୁଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ 'ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ' । 'ସତ୍‌ସଙ୍ଗ' ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିରତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗୀରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି – ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ – 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ – ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି 'ସର୍ବ ପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ସବ୍ବରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି – 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତ ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ – 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ – ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ, ମୋ : ୯୪୩୭୦୫୧୯୫୭

# ସବୁଜିମାର ଆବଶ୍ୟକତା

ପ୍ରଦୀପ୍ତ କୁମାର ମିଶ୍ର

ବର୍ତ୍ତମାନ ସମୟରେ ସମସ୍ତ ଋତୁ ମାନଙ୍କୁ ଆମେ ଭୁଲିଗଲେଣି ବରଂ ଗ୍ରୀଷ୍ମ ଋତୁ ତାର କାୟା ବିସ୍ତାର କରି ସମସ୍ତଙ୍କ ସମୟ ନିଜ ଅଧିକାର କୁ ନେଇଯାଇଛି ।କିନ୍ତୁ ତାପରିବର୍ତ୍ତ ? ଅସମୟରେ ବର୍ଷା, ଭୁସ୍ଖଳନ,ନଈବଢି ଆଦି ପ୍ରକୃତିକ ବିପର୍ଯ୍ୟୟ ପୃଥିବୀର କୌଣସି ନା କୌଣସି ଭୂଖଣ୍ଡ ସାମନା କରୁଛି ।ସାଧାରଣ ଲୋକଟିଏ କିଛି ବୁଝିବା ପୂର୍ବରୁ ତାର ସବୁ ହରାଇ ଦେଉଛି ।ଉତ୍ତାପର ମହା ଆଁ ମଧ୍ୟରେ ଆମେ ସମସ୍ତେ ଭସ୍ମୀଭୂତ ହୋଇଯିବାକି ଏହା ବର୍ତ୍ତମାନ ର ଗୋଟିଏ ବଡ଼ ପ୍ରଶ୍ନ ।ତଥାପି ଆମକୁ ଏହି ସୁନ୍ଦର ଶସ୍ୟଶ୍ୟାମଳା ବସୁନ୍ଧରା କୁ ଏବେ ସେହିପରି ସୁନ୍ଦର ରଖିବାର ଉତ୍ତରଦାୟିତ୍ୱର ଆହ୍ୱାନ ଉଭା ହୋଇଛି ଏହା ଅସ୍ୱୀକାର କରିପାରିବା ନାହିଁ ।ଆଗାମୀ ପିଢିଙ୍କ ପାଇଁ ଆମକୁ ସୁନ୍ଦର ପୃଥିବୀ ଟିଏ ଦେବାର ମନସ୍ତତ୍ୱ ଅବଶ୍ୟ ରଖିବାକୁ ହେବ। ବିଭିନ୍ନ ବୈଜ୍ଞାନିକ ମାନଙ୍କର ପରିକଳ୍ପନା ଅନୁଯାୟୀ ପୃଥିବୀରେ ତାପୀୟ ପ୍ରଭାବ ପଡିସାରିଲାଣି ଯାହା ଦ୍ୱାରା ହିମ ସ୍ଖଳନ ସମୁଦ୍ରର ଜଳସ୍ତର ବୃଦ୍ଧି ଆଦି ସମସ୍ୟା ଦେଖାଦେବାରେ ସମ୍ଭାବନା ବହୁଅଧିକ ।ବସୁନ୍ଧରା ଯାହାର ସହନ ଶକ୍ତି ଯଥେଷ୍ଟ ଅଧିକ ସେ ଏମିତି ପ୍ରତିକୂଳତା କୁ ସହି ସହି ତାଠାରେ ଜୈବ ବିବିଦ୍ଧତା କୁ ସେହିପରି ରଖିପାରିଛି ।ଅବଶ୍ୟ ଏହା ମଧ୍ୟରେ କେତେକ ଜୀବ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲେଣି,ଆମେ ଏହାର କାରଣ କେବଳ ଉପଯୋଜନ ପ୍ରକ୍ରିୟାକୁ ଦେଇ ଦେଇଥାନ୍ତି ସିନା କିନ୍ତୁ ବାୟବିକ ପରିବର୍ତ୍ତନ ଏହାର ଅନ୍ତଗତ କାରଣ ହୋଇପାରେ ବୋଲି ଆମେ ଅସ୍ୱୀକାର କରିପାରିବା ନାହିଁ ।ସାମୟିକ ଜଳବାୟୁ ର ପ୍ରଭାବ ବିଭିନ୍ନ ସ୍ଥାନରେ ଅବଶ୍ୟ ଅନୁଭୂତ ହେଉଛି କିନ୍ତୁ ସାମୁହିକ ପ୍ରଭାବ କିଛି କମ ନୁହେଁ ବୋଲି ବିବେଚ଼ନା କରାଯିବା ଆବଶ୍ୟକ ।ସବୁ ପ୍ରାଣୀ ଓ ଉଦ୍ଭିଦ ସେମାନଙ୍କର ବଞ୍ଚିବାର ଅଧିକାର ଅଛି ଓ ପ୍ରତ୍ୟେକଙ୍କର ଏହି ଭୁଭାଗର ଜଳବାୟୁ ଉପରେ ପରୋକ୍ଷ ପ୍ରଭାବ ଅବଶ୍ୟ ରହିଛି ।କିନ୍ତୁ ଆମେ ଏହି ଜୈବ ବିବିଦ୍ଧତା କଥାକହି ଆମ ତଥାକଥିତ ବିକାଶର ଓ ଏହାଜନିତ ପ୍ରଭାବକୁ ଏଡାଇ ଯାଉଛନ୍ତି। ଗତାନୁଗତିକ ଦୁନିଆରେ ବିକାଶର ପ୍ରକ୍ରିୟା ଅବଶ୍ୟମ୍ଭାବି କିନ୍ତୁ ବିକାଶ ସହ ଅନ୍ୟ ତଥା ପରିବେଶର କ୍ଷୟକ୍ଷତିକୁ ଆମେ ଅଣ ଦେଖା କରିବା ଆଦୌ ଉଚ଼ିତ ନୁହେଁ ।ବିକାଶ ନିଶ୍ଚିତ ହେବ କିନ୍ତୁ ଏହାର ଖସଡ଼ା ତିଆରି କରିବା ପୂର୍ବରୁ ପରିବେଶ ତଥା ବୃକ୍ଷ ଗୁଳ୍ମ ଲତା ଜଳଧାର ପ୍ରଭୃତିକୁ ଦୃଷ୍ଟି ଦେବା ସର୍ବାଗ୍ରେ ଆବଶ୍ୟକ ଯାହା ଆମେ କରୁନାହାନ୍ତି ।ଯାହାର ପ୍ରଭାବ ଆମ ପରିବେଶ ତଥା ବିରାଟ ପରିବେଶ ଉପରେ ପଡିଛି ଏହା ସତ୍ୟ ।ରାସ୍ତାର ବା ରେଳପଥର ସମ୍ପ୍ରସାରଣ ଅବଶ୍ୟ ଗୋଟିଏ ଗୋଟିଏ ବଡ ବଡ ଆବଶ୍ୟକତା କିନ୍ତୁ ଏହି ସମ୍ପ୍ରସାରଣ ଦ୍ୱାରା ଯେ ଅନେକ ବୃକ୍ଷ ଟଳି ପଡୁଛନ୍ତି ଏହା ଚ଼ିନ୍ତାର ବିଷୟ ।ଯଦି ଏହି ବୃକ୍ଷ ମାନଙ୍କୁ କାଟିବା ପୂର୍ବରୁ ସେତିକି ପରିମାଣରେ ବୃକ୍ଷ ସମ୍ପଦ ସୃଷ୍ଟି କରିହୋଇଥାନ୍ତା ତେବେ ଏପରି ଅସୁବିଧା ହୁଅନ୍ତା ନାହିଁ ।ବଡ ବଡ ଶିଳ୍ପାୟନ କଳ କାରଖାନା ଆଦି ଗଠନ ହେବାବେଳେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଯେଉଁମାନେ ଏଥିସହ ସଂଶ୍ଳିଷ୍ଟ ସେମାନେ ଏ ଉପରେ ଗୁରୁତ୍ୱ ପୂର୍ଣ୍ଣ ଦୃଷ୍ଟି ରଖିବା ଉଚ଼ିତ। ଅନ୍ୟପକ୍ଷରେ କୁହାଯାଏ ଆମେ ସମସ୍ତେ ବୃକ୍ଷ ରୋପଣ କରିବା ଆବଶ୍ୟକ କିନ୍ତୁ ଏହି କଥାଟି କେବଳ ସ୍ଲୋଗାନ ରେ ସୀମିତ ।ଯଦି ସମସ୍ତେ ଏହାହିଁ କରନ୍ତେ ତେବେ ଆଜି ଏ ପୃଥିବୀ ଏକ ସବୁଜ ବଳୟ ଘେରରେ ଅବଶ୍ୟ ରହିଥାନ୍ତା ।ଆମ ଦେଶର ସବୁଠାରୁ ବଡ ଦୁରାବସ୍ଥା ଏଠାରେ ବେଶି କେବଳ ଭାଷଣ ଚ଼ାଲେ କାମର ଘୋର ଅଭାବ ।ବିଦ୍ୟାଳୟ ମହାବିଦ୍ୟାଳୟ ମାନଙ୍କରେ ସବୁଜ ବଳୟ ଦେଖାଯାଏ କିନ୍ତୁ ଅନ୍ୟାନ୍ୟ ସ୍ଥାନରେ କେବଳ ଏହାର ବିକଳ ଚ଼ିତ୍ର ।ସବୁଠାରେ କଂକ୍ରିଟର ଜଙ୍ଗଲ ।ମାଟି ଖୋଜେ କଂକ୍ରିଟର ଢାଲମଧ୍ୟରେ ନିଶ୍ୱାସ ମାରିବାର ସ୍ୱାଧୀନତା ।ଆମେ ଘର ସଜାଇବା ଆଳରେ ଛୋଟ ଛୋଟ ବୃକ୍ଷ ମାନଙ୍କୁ ବଳି ପକାଇ ସାରିଛନ୍ତି ।ପୂର୍ବରୁ ବେଗୁନିଆ ବାଡ଼ ବେଗୁନିଆର ଗଛ ତୁଳସୀ ଲିମ୍ବ ଲେମ୍ବୁ ଯାହା ଆମ ଘରକୁ ଔଷଧୀୟ ଉପଚ଼ାର ଯୋଗେଇ ଥାଏ ।ଆତ ଓ ଶୀତାଫଳ ଗଛର ସ୍ୱତନ୍ତ୍ର ଗନ୍ଧ ପବନ ମାଧ୍ୟମରେ ଆମ ଶରୀର ଉପରେ ଚ଼ର୍ମରୋଗ ଉପଚ଼ାର ର ପ୍ରଭାବ ପକାଇଥାଏ ।ପୂର୍ବରୁ ଘର ପଛରେ ବାଉଁଶ ବାଡି ଘରକୁ ପବନ ଦାଉରୁ ରକ୍ଷା କରୁଥିଲା ।ଏବେ ଏହି ଗଛ ମାନଙ୍କର ସ୍ୱଳ୍ପତା ଆମପାଇଁ ସବୁ ପ୍ରକାର ଅସୁବିଧା ସୃଷ୍ଟି କଲେବି ଆମେ ନାଚ଼ାର ।ଏହି ବେଗୁନିଆ ବାଉଁଶ ଏବେ ସ୍ୱପ୍ନ ହେବାକୁ ଲାଗିଲାଣି । ଏପରିକି କିଛି ଜାତିର ଗଛ ସମ୍ପୂର୍ଣ୍ଣ ପରିଚ଼ୟ ହରେଇ ସାରିଲେଣି ଆମ ଅଜାଣତରେ ।କଣ୍ଟା ବାଉଁଶ ର ବୁଦା ଥିଲା ବିଭନ୍ନ ଜୀବଙ୍କର ପରିସ୍ଥାନ,ଏସବୁକୁ ହଟାଇଦେବାରୁ ଏହିଜୀବ ମାନେ ତ୍ରାହି ତ୍ରାହି ଡାକିଲେଣି ।ଶୁଭୁନି କୋକିସିଆଳିର କୁହାଟ ଶିଆଳର ପ୍ରହର ଡାକ ।ଏବେ ଆମେ ଛୋଟ କୁଣ୍ଡ ଗଛ ପ୍ରେମରେ ଭାଷିବା ସାର ।ସବୁଜ ବଳୟ ଆଢ଼ରେ ଆମେ ଅଧିକ ଅମ୍ଳଜାନ ନିର୍ଗତ କରୁଥିବା ଉଦ୍ଭିଦ ମାନଙ୍କୁ ହରେଇ ସାରିଲେଣି ।ବିଭିନ୍ନ ସୁନ୍ଦର ଗଠନ ଢଙ୍ଗରେ ସାରିଲେଣି ଛୋଟ ଛୋଟ ବୃକ୍ଷ ମାନଙ୍କର ଉପଯୋଜନ ସ୍ଥଳି ସମସ୍ତ ।କେବଳ ସେହି ବୃକ୍ଷ ମାନଙ୍କୁ ଆମେ ଆମ ଅଗଣାରେ ସୁବିଧା ଦେଇଛନ୍ତି ଯିଏ ସହଜରେ ବଢ଼ିପାରିବ ଓ ରଙ୍ଗ ବେରଙ୍ଗ ର ଫୁଲ ଫୁଟେଇପାରୁଥିବ ।ସବୁଜ ବଳୟ ନଷ୍ଟ କରି ଆମେ ପରିବେଶକୁ ସର୍ବନାଶ କରୁନାହାନ୍ତି କି ?ତେବେ କେବଳ ଭାବନାରେ ନୁହେଁ ଲେଖାରେ ନୁହେଁ ଭାଷଣ ରେ ନୁହେଁ ଏବେ ଏହା କର୍ମରେ ଆବଶ୍ୟକ ।ଗଛ ଲଗାଇ ପରିବେଶକୁ ସୁରକ୍ଷା କରିବାର ଦାୟିତ୍ୱ ଏବେ ସମସ୍ତଙ୍କର ।ଜୈବ ବିବିଦ୍ଧତାର ସୁରକ୍ଷା ଏବେ ଆମପାଇଁ ଏକ ଜ୍ୱଳନ୍ତ ସମସ୍ୟା ।ଏହାକୁ ସମସ୍ୟା ଭାବିକରି କାର୍ଯ୍ୟ କରିବା ଆମ୍ଭର ସର୍ବାଗ୍ରେ ଆବଶ୍ୟକ ।ନଚେତ ଏମିତି ସମୟ ଆସିବ ଅନ୍ୟ ଋତୁ ମାନଙ୍କୁ ହରାଇ କେବଳ ଗ୍ରୀଷ୍ମ କୁ ଆଦରିନେବା ।ଶୀତ ସତ୍ତା ହରାଇବ ବର୍ଷା ଏମିତି ବରସି ଯିବ କେତେବେଳେ ମେଞ୍ଚାଏ କେତେବେଳେ ଆଗି ନଥିବ ।ମାନବ ଜାତିପାଇଁ ଆଜି ବିରାଟ ଆହ୍ୱାନ ଯେ ଆମେ ଦ୍ରୁତ ପ୍ରଗତି ମଧ୍ୟରେ ସବୁଜ ବଳୟ ର ସ୍ୱପ୍ନ ନଦେଖି ବାସ୍ତବତା ଅନୁକ୍ରମରେ ସମସ୍ତେ ମିଳିତ ପ୍ରୟାସ କରିବା ।

ଅରେଇ,ଯାଜପୁର
ମୋ :୯୬୫୮୬୧୪୭୨୮




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଚ ଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘ ।ର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***



ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କ ।ଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପ ୀ ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷା ର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବା ର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବା ର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବା ର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାତେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି,** ଶ୍ରୀସତ୍ୟସାଇ ସେବା **ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯**

## ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ୍ ପରିଚାଳନା କମିଟି ସଭାପତି ଡ. ଚିତରନ ମର୍ହାଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ସଭାକୁ କଲେଜ୍ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ, ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା ମାଧ୍ୟମରେ ଉତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ଭୀମସେନ ତରାଇ, ସୁଧାଂଶୁ ମୋହନ ସାହୁ, ଦାମୋଦର ପଣ୍ଡା, ନାଏବ୍ ସରପଂଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶା' କୁମାର ପଣ୍ଡା, ହେମ' କୁମାର ଦାସ, ଅଜୟ ତରାଇ ଓ ଉଦୟ ତରାଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ ।

## ରାଇକିଆ ବ୍ଲକରେ ସ୍ୱାତୀ ତରଫରୁ ଉନ୍ନତ କିସମର ମାଛ ଚାଷକୁ ପ୍ରୋତ୍ସାହନ

କନ୍ଧମାଳ,(ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନଷ୍ଠାନ ସ୍ୱାତୀ ଆନୁକୁଲ୍ୟରେ ରାଇକିଆ ବ୍ଲକ ଅନ୍ତର୍ଗତ ରଣବା ଗ୍ରାମ ପଚାଂୟତ ର ବଡଗ ଓ କୋନସୁର ଗ୍ରାମ ଠାରେ ଆଦିବାସୀ ମାନଙ୍କ ଜୀବନ ଓ ଜୀବିକା ର ବିକାଶ କୁ ଦୃଷ୍ଟି ରେ ରଖି ସ୍ୱାତୀ ଓ ଆମ୍ରା, କନ୍ଧମାଳ ଦ୍ୱାରା ପରିଚାଳିତ ସମନ୍ୱିତ କୃଷି ମାଧମରେ ଲଗାତର ଅଭିନବ ପ୍ରୟାସ ଜାରିରହିଥିବା ଦୃଷ୍ଟିଗୋଚର ହେଉଛୀ । ରବିବାର ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୂଖ୍ୟତ ରାଇକିଆ ବ୍ଲକ ରେ ଚାଷିଙ୍କୁ ଟ୍ରେଲିସ ପଦ୍ଧତି ରେ ପନି ପରିବା ଚାଷ, ଦେଶି କୁକୁଡା, ବତକ ଓ ଛେଳି ଚାଷ କରିବା ସହିତ ମାଛ ଚାଷ କୁ ପ୍ରସୋହାନ କରି ଚାଷି ମାନଙ୍କ ର ରୋଜଗାର କୁ ଦ୍ୱଗୁଣିତ କରିବା ଲକ୍ଷ ନେଇ କାର୍ଯ୍ୟକରାଯାଉଛି । ଏହି ଋତୁ ରେ ମାଛ ଜାଁଆଳ ୨୦ ଜଣ ଉଦ୍ୟଗି ଚାଷି ଙ୍କୁ ପ୍ରଦାନ କରାଯାଇଛି । ମାଛ ଚାଷ କରି ଚାଷି ତାହର ସମନ୍ୱିତ କୃଷି କୁ ଆଗେଇନବା ସହିତ, ନିଜର ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ମତ୍ସ୍ୟ ଅଧିକାରିଣୀ ରୋଜାଲିନୀ ଦାସ, ମତ୍ସ୍ୟ ଜାଆଁଳ କେନ୍ଦ୍ର ପରିଚାଳକ ଅଜିତ କୁମାର ବେହେରା, ସ୍ୱାତୀ ର ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ ବେହରା ଉପସ୍ଥିତ ରହି ହିତାଧିକାରି ମାନଙ୍କୁ ମତ୍ସ୍ୟ ଚାଷ ଉପରେ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ । ରାଇକିଆ ଅଂଚଳ ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଥିବା ସ୍ଥଳେ, ନୂତନ ରୂପେ ମାଛ ଚାଷ କୁ ଆରମ୍ଭ କରି ଅଂଚଳରେ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ପ୍ରୟାସ କୁ ଜାରି ରଖି ଆଗାମୀ ଦିନରେ ବହୁ ଯୁବ ଚାଷି ଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ରଖା ଯାଇଛି ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃ ି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭି ିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଜୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଅ । ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିଳ୍ପା ଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିଳ୍ପା ଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ । ଏପରି କୃଷିଭି ିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅ ଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବ ୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବ ୀ ସମୟରେ ଚାଷୀକୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ । ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି । ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃ ିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବ ର୍ମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱି ।ଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱି ।ଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱି ।ଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।

# ଆବାସ ଘୋଟାଲା, ଅଭିଯୋଗ ପରେ ମଧ ଟଙ୍କା ଛାଡିଲା ପ୍ରଶାସନ

କୋରେଇ,(ପି.ଏନ): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତରେ ଆବାସ ଦୁର୍ନୀତି ପଦାକୁ ଆସିଛି। କାର୍ଯ୍ୟାଦେଶ ମିଳିବା ପରେ ଅନେକ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶାଯାଇ ପଂଚାୟତ ପକ୍ଷରୁ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲା। ମାତ୍ର ଅଭିଯୋଗ ପରେ ତଦନ୍ତ କରିବାକୁ କହିଥିବା କୋରାଇ ବିଡିଓ ଓ କିଛି ଅସାଧୁ କର୍ମଚାରୀ ଚାପ ଓ ଅର୍ଥର ବଶବର୍ତୀ ହୋଇ ଅଯୋଗ୍ୟ ହିତାଧିକାରୀଙ୍କୁ କିସ୍ତି ଆକାରରେ ଜମାଖାତାକୁ ଟଙ୍କା ପଠାଇଛନ୍ତି। ଯାହା ପୁଣି ଥରେ ଆବାସ କେଳେଙ୍କାରୀକୁ ପ୍ରମାଣିତ କରିବା ସହ ଦୁର୍ନୀତୀ କିପରି କରାଯାଏ ତାହା ପ୍ରମାଣିତ କରିଛି। ଦୁଇ ମହାଲା କୋଠା,ଗାଡି,ସରକାରୀ ଚାକିରୀ ଆଦି ସବୁ ଥାଇ ମଧ ସେମାନେ ଆବାସ ହାତେଇବାରେ ସକ୍ଷମ ହୋଇଛନ୍ତି। ଅପରପକ୍ଷେ ସେହି ଗ୍ରାମ ମାନଙ୍କର ପ୍ରକୃତ ହିତାଧିକାରୀ ଆବାସ ପାଇବାରୁ ବଂଚିତ ହୋଇଛନ୍ତି। ଯାହା ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପାଇବାରେ ଲାଗିଛି। ପଂଚାୟତର ଅଭିଯୋଗ ମୁତାବକ ଗୋଳେଇପୁର ପଂଚାୟତର ସାନ ବିରୁହାଁ ଗ୍ରାମର ରଙ୍ଗଲତା ଦଳାଇ,ରାଧାରାଣୀ ମହାପାତ୍ର, ଅନୁପମ। ବେହେରା,ମାତାଜୀ ବେହେରା ଏବଂ ସୋତି ଗ୍ରାମର କିଛି ପରିବାରକୁ ଆବାସ ହିତାଧିକାରୀ ଭାବେ ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ପଂଚାୟତ ପକ୍ଷରୁ ଏମାନଙ୍କର ଗାଡି, କୋଠାବାଡ଼ି, ଦ୍ୱିତଳ ପ୍ରସାଦ, ସରକାରୀ ଚାକିରୀ ଆଦି ଥିବା ଦର୍ଶାଯାଇ ଅଭିଯୋଗ କରାଯାଇଥିଲା। ମାତ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରତିଶ୍ରୁତି ଦେଇ ମଧ ତଦନ୍ତ ତ ଦୂରର କଥା ଓଲଟି ସେମାନଙ୍କ ଜମାଖାତାକୁ ଟଙ୍କା ପଠାଯାଇଛି। ଯାହା ସମଗ୍ର ପଂଚାୟତ ରେ ଏବେ ଆଲୋଚ୍ୟ ର ବିଷୟ ପାଲଟିଛି। ଦୁର୍ନିତୀର ନଗ୍ନ ଉଦାହରଣ ଦେଖି ସମସ୍ତେ ତାଟକା। ଖୋଦ୍ ସରପଂଚଙ୍କ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପରିବର୍ତେ ଜମାଖାତାକୁ ଟଙ୍କା ଆସିବା ଯେମିତି ସରପଂଚ ମାନଙ୍କ ଭୂମିକାକୁ କ୍ଷୁର୍ଣ୍ଣ କରାଯାଇଛି। ଅଭିଯୋଗ କଲେ ମଧ କିଛି ସୁଫଳ ମିଳେନି ତାହା ପ୍ରମାଣିତ ହୋଇଛି। ଯେଉଁ ଅସାଧୁ ଅଧିକାରୀ ମାନେ ଏଭଳି କାର୍ଯ୍ୟ କରିଛନ୍ତି ଯଦି ସେମାନଙ୍କ ବିରୁଦ୍ଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତାହେଲେ ଆଇନର ଆଶ୍ରୟ ନେବାକୁ ବାଧ ହେବେ ବୋଲି ସରପଂଚ ସସ୍ମିତା ମାଝୀ ପ୍ରକାଶ କରିଛନ୍ତି ।

## ସମବାୟ ସମିତି ଏବେ ବୃହତ୍ ସୁଯୋଗ ଆଣିପାରିଛି

ସମ୍ବଲପୁର, (ପି.ଏନ): ସମବାୟ ସମିତି ଆଉ କେବଳ କୃଷି କ୍ଷେତ୍ରରେ ସିମିତ ହୋଇ ରହିନି, ବରଂ ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ଭିତରେ ଏହାକୁ ବ୍ୟାପକ କରାଯାଇଛି। ପଶୁପାଳନ, ପେଟ୍ରୋଲ ପମ୍ପ ଭଳି ବୃହତ ଉଦ୍ୟୋଗରେ ସମବାୟ ଗ୍ରାହକ ଲାଭବାନ ହୋଇପାରିବେ ବୋଲି ଆଜି ପଟୁଆମହାଣ (ଡଙ୍ଗରପଡା) ପ୍ରାଥମିକ କୃଷି ସେବା ସମବାୟ ସମିତି ଲିମିଟେଡ଼୍ ଉଦଘାଟନ ଉତ୍ସବରେ ଉଦଘାଟକ ଭାବେ ଧନୁପାଲି ସମବାୟ ବ୍ୟାଙ୍କର ପ୍ରବନ୍ଧକ ହେମସିକ୍ତ ଦାଶ ଯୋଗଦେଇ ଏଭଳି ବାର୍ତା ଦେଇଛନ୍ତି ।ଡଙ୍ଗରପଡା ସରପଂଚ ତଥା ସେବା ସମବାୟର ସଭାପତି ଅୟଶ କାନ୍ତ ବଡପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ଦିଲ୍ଲିପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସମବାୟ ସମିତିରେ ସମସ୍ତେ ମାଲିକ ଓ ଗ୍ରାହକ ହେଉଥିବାରୁ ଲୋକଙ୍କ ଭାଗି ଦାରିତାରେ ଏହା ଏକ ସର୍ବୋକୃଷ୍ଟ ଓ ଲାଭ ଦାୟକ ସଂସ୍ଥା ହୋଇପାରିଛି। ତେଣୁ ସମସ୍ତେ ଏହାର ସୁଯୋଗ ନେବାକୁ ଉପସ୍ଥିତ ଜନତାଙ୍କୁ ସେ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା.ରାଜାରାମ ଷଡଙ୍ଗୀ, ଟିକି ପ୍ରଧାନ,ଘେନୁପାଲି ସମବାୟ ସମିତିର ସଂପାଦକ ଦୀପେନ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହାକୁ ନବ ଗଠିତ ସମବାୟ ସମିତର ସଂପାଦକ ଆଲୋକ କୃଷ୍ଣା ମହାକୁଡ, କିରାଣୀ ସୌମ୍ୟ ରଞ୍ଜନ ବେହେରା ,ଡିଓ ମୋହନ ଧରୁଆ ଓ ସୁରେଖା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡଙ୍ଗରପଡା ଏମବିକେ ଗୀତାଞ୍ଜଳି ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁରପଲ୍ଲୀରେ ବିଶ୍ୱକର୍ମା ପୂଜା

କୋରେଇ, (ପି.ଏନ): ଗାଁ ଠୁ ସହର ସବୁଠି ଆଜି ବିଶ୍ୱକର୍ମା ପୂଜା ଉପଲକ୍ଷେ ଚଳଚଂଚଳ। ସାଇକେଲ ଟିଏ ରଖିଥିବା ଲୋକବି ଆଜି ତାହାର ପୂଜା କରିଛି। ବିଭିନ୍ନ ପୂଜା ମଣ୍ଡପ,ଗ୍ୟାରେଜ ଓ ସରକାରୀ ବେସରକାରୀ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହେଉଛି। ପାଣିକୋଇଲି ମା ତାରିଣୀ ଟ୍ୟାକ୍ସି ଓ ପିକଅପ ଆସୋସିଏସନ, ପାଣିକୋଇଲି ଟ୍ରକ ମାଲିକ ସଙ୍ଘ, ମା ତାରିଣୀ ଟ୍ରେକର ଏଣ୍ଡ ବସ ଆସୋସିଏସନ, କୃପାଳୁ ରାଇସ ଇଣ୍ଡଷ୍ଟ୍ରୀଜ, ଆର୍ଶିବାଦ ଆଗ୍ରୋ ପ୍ରଡକ୍ଟ, ହରେକୃଷ୍ଣ ରାଇସ ପ୍ରୋସେସିଙ୍ଗ ଏଣ୍ଡ ଏକ୍ସପୋର୍ଟସ, ବେହେରା ରୋଡ ୱେଜ, ଜେକେ ବ୍ରିକ୍ସ, ବାସୁଦେବ ସମିଲ,କୋଲ ବ୍ରିକ୍ରେଟସ, କନଷ୍ଟ୍ରକସନ ଏବଂ ପ୍ଲାଏ ଆସ୍ ସମେତ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବିଶ୍ୱକର୍ମାଙ୍କ ବିରାଜରେ ପାଣିକୋଇଲି କମ୍ପୁଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କୁ ଦମନ କରିବାକୁ ଅପପ୍ରୟାସ କରୁଛି ବିଜେଡ଼ି : ଶରତ ପଟ୍ଟନାୟକ

ଭୁବନେଶ୍ୱର, (ପି.ଏନ): ଓଡ଼ିଶାରେ ବିଗତ କିଛିବର୍ଷ ହେଲା ସାମ୍ବାଦିକ ମାନଙ୍କ ଉପରେ ଚାଲିଛି ଦମନରାଜ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣକୁ କଂଗ୍ରେସ କେବେହେଲେ ବରଦାସ୍ତ କରିବନାହିଁ। ଗଣତନ୍ତ୍ରକୁ ସଶକ୍ତ କରିବା ଜନସାଧାରଣଙ୍କ ଅଭାବ ଅସୁବିଧାକୁ ସରକାର ଏବଂ ସରକାରୀ ବ୍ୟବସ୍ଥାର ବିଭିନ୍ନ ଅଧିକାରୀ ମାନଙ୍କର ଧ୍ୟାନଆକର୍ଷଣ କରିବା ଏବଂ ଏହାର ସମାଧାନ ପାଇଁ ସରକାରଙ୍କୁ କଟୁ ସମାଲୋଚନା କରିବା ପ୍ରତ୍ୟେକ ସାମ୍ବାଦିକ ଏବଂ ଗଣମାଧ୍ୟମର ଧର୍ମ ଓ କର୍ତବ୍ୟ।ସାମ୍ବାଦିକମାନେ ସତ୍ୟ ଓ ଠିକ ସମ୍ବାଦ ପରିବେଷଣ କରିବେ ନାହିଁ ତ କ'ଣ କେବଳ ବିଜେଡ଼ି ସରକାରଙ୍କର ସମସ୍ତ କଳାକାରନାମାକୁ ଚପାଇ ଦେଇ କେବଳ ପ୍ରଶଂସା ବା ଗୁଣଗାନ କରିବା କ'ଣ ତାଙ୍କ ଧର୍ମକି ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ବୁଧବାର ପ୍ରଦେଶ କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାରେ ଏବେ ଅଭିବ୍ୟକ୍ତିର ସ୍ୱାଧୀନତା ସଂକୁଚିତ ହେବାରେ ଲାଗିଛି। ଏହା ଆମ ଗଣତନ୍ତ୍ର ଲାଗି ଏକ ବିଡ଼ମ୍ବନା। କିଛି ଦିନ ହେଲା ଗୋଟେ ପରେ ଗୋଟେ ଗଣମାଧ୍ୟମ ଉପରେ ବିଜେଡ଼ି ସରକାର ପ୍ରତିହିଂସା ପରାୟଣ ହୋଇ ସରକାରୀ କଳର ସଂପୂର୍ଣ୍ଣ ଅପବ୍ୟବହାର ଓ ଚାପ ପ୍ରୟୋଗ କରି କଣ୍ଠରୋଧ କରିବାପାଇଁ ଲାଗିଛନ୍ତି। ଯେଉଁ ସାମ୍ବାଦିକମାନେ ରାଜ୍ୟର ବିଜେଡ଼ି ସରକାରଙ୍କର ଦୁର୍ନୀତିକୁ ଲୋକଲୋଚନକୁ ଆଣୁଛନ୍ତି ସତ୍ୟ ଓ ତଥ୍ୟ ସମ୍ବଳିତ ଖବର ପ୍ରକାଶ କରୁଛନ୍ତି ସେମାନଙ୍କୁ ସରକାର ସରକାରୀ କଳ ମାଧ୍ୟମରେ ସିଧା ଟାର୍ଗେଟ କରୁଛନ୍ତି , ଧମକ ମଧ୍ୟ ଦେଉଛନ୍ତି। ସାମ୍ବାଦିକ ମାନଙ୍କୁ ସରକାରୀ ଘର ଛାଡ଼ିବାପାଇଁ ନୋଟିସ ଦିଆଯାଉଛି।କଂଗ୍ରେସ ଦଳ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ କେବେ ବରଦାସ୍ତ କରିବ ନାହିଁ। ସମ୍ବିଧାନରେ ଦିଆଯାଇଥିବା ଚତୁର୍ଥସ୍ତମ୍ଭର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଲଢ଼େଇ କରିବ। ସେ କହିଛନ୍ତି ରାଜ୍ୟରେ ୧୭ ବର୍ଷ ହେଲା ସାମ୍ବାଦିକଙ୍କ ଅଧିସ୍ୱୀକୃତି କମିଟି ନାହିଁ। ୨୦୨୩ ମସିହା ପ୍ରେସଫ୍ରିଡମ ଅଫ ଇଣ୍ଡେକ୍ସରେ ଭାରତର ସ୍ଥାନ ୧୮୦ ଟି ଦେଶ ମଧ୍ୟରେ ୧୬୧ ସ୍ଥାନରେ। ପୂର୍ବବର୍ଷ ତୁଳନାରେ ଏହା ୧୧ ସ୍ଥାନ ତଳକୁ ଖସିଛି। ଆଜି ସମ୍ବାଦ ଖବର କାଗଜ ଉପରେ ଏପରି ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଓଡ଼ିଶାରେ କଂଗ୍ରେସ ସରକାର ଫେରିଲେ ସାମ୍ବାଦିକ ମାନଙ୍କୁ ସଚିବାଳୟ ଓ ବିଧାନସଭାକୁ ଆସି ସମ୍ବାଦ ସଂଗ୍ରହ କରିବା ପୂର୍ଣ୍ଣ ଅନୁମତି ମିଳିବ। ସାମ୍ବାଦିକ ମାନଙ୍କର ନ୍ୟାର୍ଯ୍ୟଦାବି ଓ ସମ୍ମାନକୁ ଫେରାଇ ଦିଆଯିବ। ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସ ମେନିଫେଷ୍ଟୋ କମିଟିର ଅଧ୍ୟକ୍ଷ ପଂଚାନନ କାନୁନଗୋ କହିଛନ୍ତି ଜଣେ ସଂପାଦକ କ'ଣ ସଂପାଦକୀୟ ଲେଖିବ ତାକୁ କଣ ବିଜେଡ଼ି ସରକାରଙ୍କୁ ପଚାରିକି ଲେଖିବ। ସାମ୍ବାଦିକତା ବୃତିର ଧର୍ମ ହେଉଛି ସତ୍ୟ ଓ ନ୍ୟାୟକୁ ଲେଖିବା। ଯେଉଁ ସାମ୍ବାଦିକମାନେ ସରକାରଙ୍କର ଅନ୍ୟାୟ ଅନିତି ଓ ଦୁର୍ନୀତି ବିରୋଧରେ ସ୍ୱର ଉତୋଳନ କରିବ ତାକୁ ସରକାର ଆକ୍ରୋଶମୂଳକ ଆକ୍ରମଣ କରିବା ସ୍ୱେଚ୍ଛାଚାରିତାର ସବୁଠାରୁ ନିମ୍ନସ୍ତର ବୋଲି ଆମକୁ ବୁଝିବାକୁ ପଡ଼ିବ। ନବୀନ ପଟ୍ଟନାୟକ ଜଣେ ସ୍ୱେଚ୍ଛାଚାରୀ ବୋଲି ଏଥିରୁ ପ୍ରମାଣିତ।

## ମାଟି ତଳୁ ବାହାରିଲେ ଗଣେଶ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମଭି ୮୧ ଗ୍ରାମର ରାମ ପୋଖରୀ ନିକଟରେ ଗଣେଶ ପୂଜାର ଗୋଟିଏ ଦିନ ପୂର୍ବରୁ ସ୍ୱପ୍ନାଦେଶ ଦେଇ ପ୍ରକଟ ହୋଇଛି ଗୋଟିଏ ପଥର ନିର୍ମିତ ଗଣେଶ ମୂର୍ତ୍ତି । ଏପରି ଏକ ଅଲୌକିକ ଘଟଣା ପରେ ଅଂଚଳରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଲୋକେ ଏହି ଗଣେଶ ମୂର୍ତ୍ତିକୁ ଦେଖିବାକୁ ପାଇଁ ଯାଉଥିବା ମଧ୍ୟ କୁହାଯାଉଛି । ମିଳିଥିବା ସୂଚନା ଅନୁଯାୟୀ ଏମଭି ୮୧ ଗ୍ରାମ ନିକଟରେ ଥିବା ରାମପୋଖରୀ ନିକଟରେ ଏକ ଗଣେଶ ମୂର୍ତ୍ତି ପୋତି ହୋଇ ରହିଥିବା ବେଳେ ତାହା ଆପେ ଆପେ ମାଟି ଉପରକୁ ଉଠି ଆସିଥିବା ନେଇ ଟିଙ୍ଗରାଜପାଲି ଗ୍ରାମର ମିଛୁ ଭିମାଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ତେବେ ସେ ରାତ୍ର ପ୍ରାୟ ୪ ଟା ସମୟରେ ଗାଁ ନିକଟସ୍ଥ ରାମ ପୋଖରୀ ପାଖକୁ ଯାଇ ଦେଖିଲେ ଯେ, ତାଙ୍କର ସ୍ୱପ୍ନ ମୁତାବକ ମାଟିର ଉପରି ଭାଗରେ ଏହି ଗଣେଶ ମୂର୍ତ୍ତିଟି ରହିଛି । ଏହାପରେ ମିଛୁ ଗ୍ରାମର ଲୋକଙ୍କ ସାହାଯ୍ୟରେ ମୂର୍ତ୍ତିଟିକୁ ଉଦ୍ଧାର କରି ତଳେ ଶୋଇ ରହିଥିବା ମୂର୍ତ୍ତିକୁ ସେହି ସ୍ଥାନରେ ଠିଆକରି ନିକଟରେ ଥିବା ତାଳଗଛ ମୂଳରେ ରଖୀ ଥିଲେ ।

## ୨୨ ତାରିଖରେ ରାଜ୍ୟ ସମବାୟ ବ୍ୟାଙ୍କ କର୍ମଚାରୀ ମାନଙ୍କର ସାମୁହିକ ଛୁଟି ଓ ୨୫ ରୁ ୩ ଦିନିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ,ସାମିଲ ହେବେ ବୌଦ୍ଧ ସମବାୟ ବ୍ୟାଙ୍କ କର୍ମଚାରୀ

କନ୍ଧମାଳ,(ପି.ଏନ): ରାଜ୍ୟର ଥିବା ୧୭ ଗୋଟି କେନ୍ଦ୍ର ସମବାୟ ର କର୍ମଚାରୀ ମାନେ ଚଳିତ ମାସ ୨୫,୨୬ ଏବଂ ୨୭ ତାରିଖରେ ଅଲ ଓଡ଼ିଶା କେନ୍ଦ୍ର ସମବାୟ କର୍ମଚାରୀ ମହାସଂଘ ର କାର୍ଯ୍ୟ ବନ୍ଦ ଆନ୍ଦୋଳନ ରେ ସାମିଲ ହେବାକୁ ନିଷ୍ପତି ନିଆଯାଇଅଛି।ସମବାୟ ବ୍ୟାଙ୍କ ସରକାରଙ୍କ ର ସମସ୍ତ ଜନହିତକରି ଆର୍ଥିକଯୋଜନା କାର୍ଯ୍ୟକାରୀ କରିବା ସହିତ ରାଜ୍ୟର ୭୦ ଭାଗ କୃଷି ପରିବାରକୁ କୃଷି ଋଣ ପ୍ରଦାନ କରନ୍ତି।କର୍ମଚାରୀ ମାନଙ୍କ ର ନିରବଚ୍ଛିନ୍ନ ପରିଶ୍ରମ ଫଳରେ ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ୍ ବହୁ ଲାଭରେ ଚାଲିଆସୁଅଛି ।ଏହି ଲାଭାଂଶ ରୁ କୋଟି କୋଟି ଟଙ୍କା ଇନକମ୍ ଟ୍ୟାକ୍ସଦେଉଥିଲା ବେଳେ ସେମାନଙ୍କର ସପ୍ତମ ବେତନ ୧.୧.୧୬ରୁ ଦେବାକୁ ଦାବୀ ହେଇ ଆସୁଥିଲେ ମଧ୍ୟ , ତାହା କୁ କାର୍ଯ୍ୟ କାରି କରିବାକୁ ବ୍ୟାଙ୍କ୍ କତୃପକ୍ଷ ଓ ସମବାୟ ନିବଧଙ୍କ କୌଣସି କାର୍ଯ ଅନୁଷ୍ଠାନ ଗ୍ରହଣ କରିନାହାନ୍ତି।ସେହିପରି ଯେଉଁ କର୍ମଚାରୀ ମାନେ ସେପ୍ଟେମ୍ବର ୨୦୧୪ ପରେ ଚାକିରୀ କରିଛନ୍ତି ସେମାନେ ଭବିଷ୍ୟନିଧି ରୁ ପେନସନ ପାଇବେ ନାହିଁ।ତେଣୁ ସେମାନଙ୍କ ପାଇଁ ଏକ ପେନସନ ପଣ୍ଡ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଆସୁଥିଲେ ମଧ୍ୟ ସମବାୟ ନିବଧ ଙ୍କ ଏହା କାର୍ଯ୍ୟକାରି କରୁନଥିବାରୁ କର୍ମଚାରୀଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରୁଅଛି।ଏଥି ସହିତ ସରକାର ଙ୍କ ଦ୍ୱାରା ଅନୁମୋଦିତ ଚାକିରି ସର୍ତ୍ତାବଳୀ କୁ ଉଲଘଂନ କ୍ୟାଡର ଫଣ୍ଡ କୁ ଯେଉଁ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା କାର୍ଯ୍ୟକାରୀ କରାଗଲେ ସମସ୍ତ ବ୍ୟାଙ୍କ୍ କ୍ଷତି କରିବେ ଓ ଯାହା ଫଳରେ ବ୍ୟାଙ୍କ୍ ଭବିଷ୍ୟତରେ ତାର ଲାଇସେନ୍ସ ହରାଇବ ।ସେହିପରି ସରକାର ଏକ ନିର୍ଦ୍ଦେଶ ଦେଇଛନ୍ତି କି ବ୍ୟାଙ୍କ୍ ସହିତ ସହବନ୍ଧିତ ସମସ୍ତ ସେବା ସମବାୟ ସମିତି ତାହାର ସଂଚୟ ଜମାଖାତ ରାଜ୍ୟ ସମବାୟ ବ୍ୟାଙ୍କ୍ ରେ ଖୋଲିବାକୁ, ଯାହାଦ୍ୱାରା ବ୍ୟାଙ୍କଗୁଡିକୁ ବହୁ ଅସୁବିଧାରସମ୍ମୁଖୀନ ହେବ।ଏହି ଦାବୀ ଓ ବ୍ୟାଙ୍କ ସମସ୍ୟା ର ଆଶୁ ସମାଧାନ କରିବା ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିଥଲେ ମଧ୍ୟ କିଛି ସୁଫଳ ଆସି ନାହିଁ।ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ଅଧ୍ୟକ୍ଷତାରେ ସମସ୍ତ ବ୍ୟାଙ୍କ ସଭାପତି ଓ ମହାସଂଘର ପ୍ରତିନିଧିଙ୍କ ଉପସ୍ଥିତିରେ ସେପ୍ଟେମ୍ବର ୩ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ରାଜ୍ଯ ସମବାୟ ବ୍ୟାଙ୍କ ଠାରେ ଏ ନେଇ ଆଲୋଚନା ହୋଇଥିଲା। ନିବନ୍ଧକ ସମବାୟ ସମିତି ତଥା ପରିଚାଳନା ନିର୍ଦ୍ଦେଶକ ରାଜ୍ୟ ସମବାୟ ବ୍ୟାଙ୍କ, ସଂଘର ଦାବିଗୁଡିକ ବାବଦରେ କିଛି ସକାରାତ୍ମକ ଆସନ୍ତା ୧୫ ଦିନ ମଧ୍ୟରେ ନେବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ଯାବତ୍ ଏହି ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ, ଆସନ୍ତା ୨୨ ତାରିଖ ଦିନ ସମସ୍ତ କର୍ମଚାରୀ ସାମୁହିକ ଛୁଟିରେ ଯିବେ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନ ରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ମାନେ ମଧ୍ୟ ସାମିଲ ହେବା ନେଇ ସଂଘର ସଭାପତି ଖିରୋଦ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ସୌମ୍ୟଜିତ ନାୟକ ସୂଚନା ଦେଇଛନ୍ତି।

## ଲାଗିହେଲା ମା ଙ୍କ ଠାରେ ନୂଆ ବଲାଙ୍ଗିର ଜିଲ୍ଲାରେ ରାଜପରିବାର ସମେତ ପୁରପଲ୍ଲୀରେ ନୂଆଁଖାଇ ପାଳନ

ବଲାଙ୍ଗିର ,(ପି.ଏନ): ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ଆଜି ଆଦି ପୂଜ୍ୟ ଗଣନାଥ ଙ୍କ ପୂଜା ପରେ ପରେ ଋଷି ପଂଚମୀ ତିଥିରେ ପୂର୍ବତନ ପାଟଣା ରାଜ୍ୟ ଆଜିର ବଲାଙ୍ଗିର ଜିଲ୍ଲା ସମେତ ସୁବର୍ଣ୍ଣପୁରରେ ସମଗ୍ର ପୁରପଲ୍ଲୀରେ ନୂଆ ଧାନକୁ କୁ ନେଇ ନୂଆଁଖାଇ ତିହାର ପାଳିତ ହୋଇଯାଇଛି। ଆଜି ସ୍ଥାନୀୟ ଶୈଳସ୍ରୀ ପ୍ୟାଲେସ୍ ରେ ନୁଆଲଗି ହୋଇ ରଜ ପରିବାର ନୂଆଁଖାଇ ପାଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ପାଟଣା ମହାରାଜ କନକ ବର୍ଦ୍ଧନ ସିଂହଦେଓ କକା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ପୁତ୍ର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ତାଙ୍କ ଧର୍ମପତ୍ନୀ ଓ କଳିକେଶ ଙ୍କ ଝିଅ ଏକାସାଙ୍ଗରେ ବସି ନୂଆ ଖାଇଥିଲେ। ରାଜ ପୁରୋହିତ ସନ୍ତୋଷ ଦାଶ ପ୍ରଥମେ ଇଷ୍ଟ ଦେବୀ ଦେବୀ ମାନଙ୍କ ପାଖରେ ପୂଜା ଅର୍ଚ୍ଚନା କରି ନୂଆ ଲଗାଇବା ସହିତ ମଣ୍ଡପ ରେ ପରିବାର କୁ ନୂଆଚଉଳ ର ପ୍ରସ୍ତୁତ ଭୋଗ ଦେଇଥିଲେ। ନୂଆ ଖାଇଲା ପରେ ସମସ୍ତେ ଅଂଚଳ ବାସୀ ଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଗତ। କାଲି ସନ୍ଧ୍ୟାରେ କୋଶଳୀ ସାଂସ୍କୃତିକ ସଂଘ ମହା ମନ୍ତ୍ରୀ ରୁଗୁଡ଼ିପଡ଼ା ହିମାଂଶୁ ଶେଖର ପାଢ଼ୀ ଙ୍କ ଘରୁ ପାହୁର ଯାତ୍ରା ବାହାରି ମା ସମଲେଇ ମନ୍ଦିର ରେ ଦେବୀ ମାନଙ୍କ ଲାଗି ସମସ୍ତ ନୁଆ ସାମଗ୍ରୀ ପହଂଚି ଥିଲା। ଆଜି ସକାଳୁ ନିର୍ଦ୍ଧାରିତ ଲଗ୍ନରେ ମା ସମଲେଇ, ମା ପାଟନେଶ୍ୱରି ମନ୍ଦିର ରେ ନୂଆ ଲାଗି ହୋଇଥିଲା। ସକାଳୁ ନୂଆଧାନ ରେ ପ୍ରସ୍ତୁତଅନ୍ନ ନେଇ ଅନେକ ଭକ୍ତ ନିଜ ନିଜ ଘରେ ପରିବାର ର ମୂରବୀ ବୟୋଜ୍ୟେଷ୍ଠ ପାଖରୁ ତାହା ଗ୍ରହଣ କରି ଆଜିର ନୂଆଁଖାଇ ପାଇଁ ପ୍ରସ୍ତୁତି ହୋଇଥିବା ସୁସ୍ୱାଦୁ ଅନ୍ନ ପିଠା ପଣା ଇତ୍ୟାଦି ପରିବାର ର ସମସ୍ତେ ମିଶି ଏକତ୍ର ଭୋଜନ କରି ସାରିବା ପରେ ଘରେ ଦିଅଁଙ୍କୁ ତାଙ୍କର ପରିବାର ପାଇଁ ମଙ୍ଗଳ କାମନା ସହିତ ସମସ୍ତ ଗୁରୁଜନ ମାନଙ୍କୁ ଦଣ୍ଡବତ ମୁଣ୍ଡିଆ ମାରି ଆଶୀର୍ବାଦ ଲାଭ କରି ଥିଲେ। ନୂଆ ଖଇ ସାରିବା ପରେ ପ୍ରତ୍ୟେକ ଜିଲ୍ଲାର ଇଷ୍ଟଦେବୀ ମାନଙ୍କ ମନ୍ଦିର କୁ ଯାଇ ଆଗାମୀ ସମୟ ଭଲରେ ଯିବାକୁ ଆଶିଷ କାମନା କରିବା ପରମ୍ପରା ଯୋଗୁଁ ଦେବୀ ମନ୍ଦିର ଓ ଅନ୍ୟ ମନ୍ଦିର ବେଶ୍ ଭିଡ ଲାଗି ରହିଛି।ବଲାଙ୍ଗିର ଜିଲ୍ଲା ଗ୍ରାମାଞ୍ଚଳରେ ମଧ୍ୟ ଆଜି ସବୁଆଡେ ନୂଆ ଖାଇ ହୋଇଛି। ଅନେକ ଗ୍ରାମରେ ଗ୍ରାମରେ ସମସ୍ତ ପରିବାର ଏକ ସାଙ୍ଗରେ ମିଶି ନୂଆଁଖାଇ ପାଳନ କରିଥିବା ଖବର ଆସୁଛି। ପୂର୍ବ ରାଗ ରୋଷ ଭୁଲି ଶତ୍ରୁ ମିତ୍ର ନୂଆଁଖାଇ ରେ ଏକ ହୋଇଯାଇଛନ୍ତି। ନୂଆଁଖାଇ ପରେ ସନ ମାନେ ବଡ଼ ମାନଙ୍କୁ ଜୁହାର ଭେଟ ହୋଇଥିବା ବେଳେ ପରସ୍ପରର ମଙ୍ଗଳ କାମନା କରିଥାନ୍ତି।

## ମାଲକାନଗିରିରେ ପୁରୁଣା ପେନସନ୍ ଭାରତ ଯାତ୍ରା କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ):ବୁଧବାର ପୂର୍ବାହ୍ନ ୯.୦୦ ଘଟିକା ସମୟରେ ଅଲ ଓଡିଶା ପ୍ରାଥମିକ ଶିକ୍ଷକ ଫେଡେରେସନ ଖାରବେଳ ନଗର, ଭୁବନେଶ୍ୱର, ମାଲକାନଗିରି ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ଦଣ୍ଡକାରଣ୍ୟ ଖେଳ ପଡିଆରେ ପୁରୁଣା ପେନସନ୍ ଭାରତ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରିଆନା ରାଜ୍ୟରୁ ପୁରୁଣା ପେନସନ୍ ଭାରତ ଯାତ୍ରା ସଚେତନତା ରଥ ଟି ବାହାରି ପଶ୍ଚିମବଙ୍ଗ ରାଜ୍ଯ ଅତିକ୍ରମ କରି ଓଡିଶାର ବିଭିନ୍ନ ଜିଲ୍ଲା ରେ କାର୍ଯ୍ୟକ୍ରମ କରି ମାଲକାନଗିରି ଜିଲ୍ଲାରେ ପହଂଚିଥିଲା । ପ୍ରଥମେ ବିରାଟ ପଟୁଆରରେ ସହର ପରିକ୍ରମା କରି ସଚେତନତା ରଥ ଡି. ଏନ୍. କେ. ଖେଳ ପଡିଆ ପରିସରରେ ପହଂଚିଥିଲା। ତତ୍ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସର୍ବ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ, ନୂଆ ଦିଲ୍ଲୀ ର ଉପ ସଭାପତି ରାମ ଅବତାର ପାଣ୍ଡେ, ସଭାପତି ଭାବରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ନୀଳକଣ୍ଠ ବେହେରା,. ମୁଖ୍ୟ ବକ୍ତା ଭାବରେ ଅମଲା ସଂଘର ସଭାପତି ଶ୍ୟାମ ସୁନ୍ଦର ନାୟକ ଯୋଗଦେଇ ନୂତନ ପେନସନ୍ ଓ ପୁରାତନ ପେନସନ୍ ଭିତରେ ଥିବା ତାରତମ୍ୟ କୁ ବୁଝାଇବା ସହ ପୁରୁଣା ପେନସନ ଲାଗୁ କରିବା ପାଇଁ ସରକାର ଙ୍କ ନିକଟରେ ଦାବି ରଖିଥିଲେ। ଯୁବ କବି, ତଥା ମାଲକାନଗିରି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ଖାରବେଳ ନଗର ଭୁବନେଶ୍ୱର ର ଯୁଗ୍ମ ସମ୍ପାଦକ ଯତି ନ୍ଦ୍ର ସ୍ୱାଇଁ ମଂଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ଲୋକନାଥ ସାହୁ, ଜିଲ୍ଲା ଓସ୍ତା ପୂର୍ବତନ ସଭାପତି ଅଜୟ କୁମାର ସ୍ୱାଇଁ, ଜିଲ୍ଲା ସମ୍ପାଦକ ଉଚ୍ଚ ବିଦ୍ୟାଳୟ ଏନପି ଏସ ସନ୍ଦୀପ ଦାସ, ଅଲ ଓଡିଶା ପ୍ରାଥମିକ ଶିକ୍ଷକ ଫେଡେରେସନ ଖାରବେଳ ନଗର ଅଫିସ ପରିଚାଳନା ସମ୍ପାଦକ ଲକ୍ଷ୍ମଣ ବେହେରା, କେନ୍ଦ୍ରୀୟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଏସ୍. ଟି /ଏସ୍, ସି ଜିଲ୍ଲା ସଭାପତି ବିଶ୍ୱନାଥ ଶବର, ସମ୍ପାଦକ ଇର୍ମା ପଡିଆମି ,ଜିଲ୍ଲା ପ୍ରାଥମିକ ଶିକ୍ଷକ ଏନ ପି ଏସ ସଙ୍ଘ ର ସଭାପତି ରାମ ପ୍ରସାଦ ପାଢି, ଏକ୍ସ କ୍ୟାଡର୍ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ପଦ୍ମ ଚରଣ ରଥ ଆଦି ଯୋଗ ଦେଇ ପୁରୁଣା ପେନସନ ପାଇଁ ବହୁବିଧ ମତ ରଖିଥିଲେ ଓ ଓପିଏସ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ।

## ଖଇରପୁଟ ପାଣ୍ଡରାଗୁଡା ଠାରେ ବିଜେଡିର ସାଙ୍ଗଠନିକ ସମିକ୍ଷା ବୈଠକ ଅନୁଷ୍ଠିତ

ମାଲକାନଗିରି,(ପି.ଏନ): ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ, ବିଜୁ ଜନତା ଦଳ ପକ୍ଷରୁ ଏକ ସାଙ୍ଗଠନିକ ସମିକ୍ଷା ବୈଠକ ଖଇରପୁଟ ବ୍ଲକ ଅନ୍ତର୍ଗତ ପାଣ୍ଡରାଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ମୁଖ୍ୟ ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏହି ସମିକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ, ରାଜ୍ୟ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରି ତାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ରାଜ୍ୟ ମହିଳା ସଭାନେତ୍ରୀ ପଦ୍ମିନୀ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ସାଙ୍ଗଠନିକ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଉଦୟନାଥ ମାଦ୍ରୀ, ଗୋପୀ ପାଙ୍ଗୀ,ସଙ୍ଗଠକ ନୃସିଂହ ଚରଣ ମହାନ୍ତି, ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା,କୋରକୁଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ଖଇରପୁଟ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଜିଲ୍ଲା ଯୁବ ସଭାପତି ତାପସ ରଞ୍ଜନ ନାଏକ, ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ,କୋରକୁଣ୍ଡା ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ମାଥିଲି ବ୍ଲକ ସଭାପତି ବନ୍ଧୁ ମୁଦୁଲିଙ୍କ ସହ ଜିଲ୍ଲା ବିଜୁ ଜନତା ଦଳର ଅନ୍ୟ ପର୍ଯ୍ୟବେକ୍ଷକ ସାମୁଏଲ ନାୟକ, ମୁନି ସାମନ୍ତରାୟ ଓ ବିଜିତ୍ ସିଂ ଙ୍କ ସହ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ,ବରିଷ୍ଠ, ଯୁବ, ଛାତ୍ର, ଆଇଟି, ମହିଳା ଓ ଛାମୁଆ ସଂଗଠନ ର କର୍ମକର୍ତ୍ତା ଯୋଗ ଦେଇଥିଲେ ! ବୈଠକକୁ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଶାନୀ ସଭାପତିତ୍ୱ କରିଥିଲେ । ନିଜର ପ୍ରାରମ୍ଭିକ ଅଭିଭାଷଣ ରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର କର୍ମୀମାନଙ୍କୁ ସେମାନଙ୍କ ବୁଥ୍ ପ୍ରତି ଆହୁରି ଯତ୍ନଶୀଳ ହେବା ସହ ମୂଳ ସ୍ତରରେ ସଙ୍ଗଠନକୁ ମଜବୁତ କରିବା ପାଇଁ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅବଗତ କରାଇଥିଲେ ! ଅନ୍ୟ ଅତିଥି ମାନେ ମଧ୍ୟ ଏହି ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ସମସ୍ତ ଜନହିତକର କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ କିପରି ପହଂଚାଇବା ଓ ଦଳକୁ ତୃଣମୂଳ ସ୍ତର ରୁ କିପରି ଆହୁରି ସଂଗଠିତ କରିପାରିବା ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଭାରେ ବରିଷ୍ଠ କର୍ମୀ ଭଗବାନ ସାହୁ ମଂଚ ପରିଚାଳନା କରିଥିଲାବେଳେ, ଜିଲ୍ଲା ଯୁବ ଉପ-ସଭାପତି ଅକ୍ଷୟ ରଞ୍ଜନ ପାଙ୍ଗୀ, ବିଜୟ ପାମିଆ, ଗୌର ଧାଙ୍ଗଡା ମାଝୀ ଓ ଗୁରୁନାଥ ହନ୍ତାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ରେ ସହଯୋଗ କରିଥିଲେ ।

MAHARISHI PUBLIC SCHOOL



2023-2024
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday September 21, 2023 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୨୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବିଭିନ୍ନ ସ୍ଥାନରେ ଧୁମ୍ ଧାମରେ ଗଣେଷ ପୂଜା ପାଳିତ



ଜେନାପୁର,(ପି.ଏନ୍) :ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ତଥା ପୁର ପଲ୍ଲିରେ ଧୁମ୍ ଧାମର ସହ ଗଣେଷ ପୂଜା ପାଳିତ ହୋଇଯାଇଛି । ଶ୍ରୀଗଣେଷ ଚ଼ତୁର୍ଥୀ ଅବସରରେ ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷାର ବିକାଶ ପାଇଁ ବିଦ୍ୟାଦାତା ଗଣପତି ବାପ୍ପା ସଭିଙ୍କୁ ସଦବୁଦ୍ଧି ଦିଅନ୍ତୁ ,ଦୁଃଖକୁ ସାମ୍ନା କରିବାର ଧୈର୍ଯ୍ୟ ଦିଅନ୍ତୁ,ସମସ୍ତେ ସର୍ବଦା ଭଲରେ ରୁହନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ସେହିପରି ଅନେକ ଗାଁ ଓ ପୁର ପଲ୍ଲିରେ ଶ୍ରୀଗଜାନନଙ୍କ ପୂଜା ଅର୍ଚ୍ଚନା ସହ ଗ୍ରାମବାସୀମାନଙ୍କ ଭଜନ କୀର୍ତ୍ତନରେ ପରିବେଶ ଭକ୍ତିମୟ ସୃଷ୍ଟି ହୋଇଥିଲା । ଏ ଅଞ୍ଚଳର ଜାରକା, ଗଡମଧୁପୁର, ହରିଦାସପୁର, ଜେନାପୁର, ବୃନ୍ଦାଦେଈପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଈପୁର, କଳାଣ୍ଡ ପ୍ରମୁଖ ସ୍ଥାନରେ ଧୁମ୍ ଧାମରେ ପାଳିତ ହୋଇଯାଇଛି ।

# ସେମିଳିଗୁଡ଼ା ରାଜମିସ୍ତ୍ରୀ ସଂଘ ପକ୍ଷରୁ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ



ସେମିଳିଗୁଡ଼ା,(ପି.ଏନ):କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହର ଠାରେ ନନ୍ଦପୁର ଯିବା ମୁଖ୍ୟ ରାସ୍ତା ଶିଶୁ ମନ୍ଦିର ଛକ ନିକଟରେ ଦେବ ଶିଳ୍ପୀ ବିଶ୍ୱକର୍ମା ସହ ଆଜି ବିସର୍ଜନ ମଧ୍ୟ କରାଯାଇଛି । ଏହି ଅବସରରେ ସେମିଳିଗୁଡ଼ା ରାଜ ମିସ୍ତ୍ରୀ ତରଫରୁ ମହା ଆଡମ୍ବରରେ କୋରାପୁଟିଆ ଢେମସା ନାଚ଼ରେ ତାଳେ ତାଳେ ବାଇଦ ବଜାଇ ଯୁବତୀ ଏବଂ ଯୁବକ ମାନେ ନାଚି ବା ସହ ମହାପ୍ରଭୁ ବିଶ୍ୱ କର୍ମାଙ୍କ ସହର ପରିକ୍ରମା କରାଯାଇଛି ।ଏହା ସାଙ୍ଗରେ ତିନି ଦିନ ଧରି ଓଁମ ଯଜ୍ଞ ସହିତ ପ୍ରସାଦ ମଧ୍ୟ ଲୋକ ମାନଙ୍କୁ ବଣ୍ଟନ କରାଯାଇଥିଲା ।ସ୍ୱତନ୍ତ୍ର ଜଳାସୟରେ ଏହି ବିସର୍ଜନ କରାଯାଇଛି ।ଏହି ଅବସରରେ ରାଜ ମିସ୍ତ୍ରୀ ସଂଘର ସଭାପତି ଦାନୀୟାଲ ଖରା,ସମ୍ପାଦକ ଦାମଦର ସାଗର, କୋଷାଦକ୍ଷ ଉପେନ୍ଦ୍ର ମହାନ୍ତି,ରମାକାନ୍ତ ବରଡ,ରିଟୁ ସାହୁ, ଚ଼ନ୍ଦନ ବଡ଼ବୁରା, ସୀମାଞ୍ଚଳ ସାହୁ,ରାଜୁ ମୁଠାଇ, ପ୍ରମୁଖ ଉପସ୍ଥିତ ଥିଲେ ।ବିଭିନ୍ନ ପୂଜା ସକାଶେ ସେମିଳିଗୁଡ଼ା ଆଲୋକ ସଜ୍ଜା ରେ ସଜିତ ହୋଇଥିବା ବେଳେ ଅପରାହ୍ନ ସମୟରେ ପୂଜା ମେଢ଼ ଦେଖିବାକୁ ଲୋକଙ୍କ ଭିଡ଼ ଜମି ମିଳିଥିଲା ।

# ଚ଼ାରିଛକ ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି

ନିମାପଡ଼ା,(ପି. ଏନ) ଫୁଲନଖରା - ନିଆଳି - ମାଧବ - ବାଲିଘାଇ ୬୦ ନମ୍ବର ରାଜ୍ୟ ରାଜପଥ ରାସ୍ତାଟି ଚ଼ାରିଛକ ବଜାରରେ ଅତ୍ୟନ୍ତ ଖରାପ ହୋଇଯିବା ଫଳରେ ରାସ୍ତାଟି ମରଣଯନ୍ତା ପାଲଟିଛି ।ଏହି ରାସ୍ତାରେ ନୈନିକ ଛୋଟ ବଡ ଦୁର୍ଘଟଣା ଘଟୁଛି ।ଚ଼ାରିଛକ ପୁରୁଣା ଫାଣ୍ଡି ଛକ ଠାରୁ ଗୋପ ରାସ୍ତା ଅର୍ଣ୍ଣପୂର୍ଣା ବିଦ୍ୟାପୀଠ ପର୍ଯ୍ୟନ୍ତ ରାସ୍ତା ର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବାରୁ ଯାତାୟାତ କ୍ଷେତ୍ରରେ ଅସୁବିଧା ହେଉଛି ।ଏହି ରାସ୍ତାଦେଇ ନୈନିକ ସୂର୍ଯ୍ୟ ମନ୍ଦିର କୋଣାର୍କ ,ଶ୍ରୀ ମନ୍ଦିର ପୁରୀ ,କାକଟପୁର ମା ମଙ୍ଗଳା ମନ୍ଦିର ,ଅସ୍ତରଙ୍ଗ ଜାହାନିଆପିର ପ୍ରଭୃତି ସ୍ଥାନକୁ ବହୁ ପର୍ଯ୍ୟଟକ ଗାଡ଼ି ଯାତାୟାତ କରୁଛନ୍ତି ।ଏହି ରାସ୍ତା ଦେଇ ରାଉରକେଲା ,କଲିକତା କଟକ ,ପାରାଦୀପ, କୋଣାର୍କ,ପୁରୀ ପ୍ରଭୃତି ଶତାଧିକ ଯାତ୍ରୀବାହୀ ବସ ସହିତ ଟ୍ରକ୍ ପ୍ରଭୃତି ଯାତାୟାତ କରୁଛି ।ମାତ୍ର ରାସ୍ତା ଅବସ୍ଥା ଦେଖି ଗାଡ଼ି ଚ଼ାଳକ ମାନେ ଚ଼ିନ୍ତାରେ ପଡ଼ିଯାଉଛନ୍ତି ।ବଜାରରେ ଦୋକାନ କରିଥିବା ପ୍ରାୟ ୩୦୦ ରୁ ଉର୍ଦ୍ଧ ଦୋକାନୀ ଙ୍କ ପାଇଁ ଚ଼ିନ୍ତା ବଢୁଛି ।

# ପାରାଦୀପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପରମ୍ପରା ଉଜ୍ଜୀବିତ ପ୍ରଚେଷ୍ଟା ପାଇଁ ଆୟୋଜକ ଓ ପ୍ରଶାସକଙ୍କୁ ସମ୍ବର୍ଦ୍ଧିତ କଲେ କାର୍ଯ୍ୟରତ ସାମ୍ବାଦିକ




ପାରାଦୀପ,(ପି.ଏନ): ଦୀର୍ଘ ବର୍ଷ ପରେ ପାରାଦୀପରେ ପୁନଃ ମହା ଆଡମ୍ବର ସହକାରେ ପ୍ରସିଦ୍ଧ ବିଶ୍ୱକର୍ମା ସାତଦିନ ବ୍ୟାପି ଆନନ୍ଦ ଉଲ୍ଲାସ ଓ ସଫଳତାର ସହ ଆଗେଇଚ଼ାଲିଛି । ପାରାଦୀପର ଏହି ପୂଜା ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ପାଇଁ ପ୍ରଶାସନ ଅଧିକାରୀ ଓ ଆୟୋଜକ ମାନଙ୍କୁ ସାଧାରଣରେ ବେସ ପ୍ରଶଂସା କରାଯାଇଛି । ତେବେ ଏମାନଙ୍କୁ ଉତ୍ସାହିତ କରିବା ପାଇଁ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ସିନେମା ହଲ ନିକଟରେ ପୂଜା ଖବର ସଂଗ୍ରହ ପାଇଁ ନୂତନ ଭାବେ ଖୋଲିଥିବା ସାମ୍ବାଦିକ ପ୍ରକୋଷ୍ଠ ଠାରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗଣମାଧ୍ୟମର ପ୍ରତିନିଧି ମାନେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ସମେତ ପୂଜା ଆୟୋଜକ ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡା, ଡମ୍ଫର ମାଲିକ ସଂଘର ସଭାପତି ବିଜୟ କୁମାର ନାୟକ, ଭାରତୀୟ ବନ୍ଦର ମଜଦୁର ସଙ୍ଘ ସଭାପତି ରାକେଶ ପଟ୍ଟନାୟକ, ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ସାଧାରଣ ସମ୍ପାଦକ ନୃସିଂହ ଶତପଥୀ, ଉତ୍କଳ ପୋର୍ଟ ଆଣ୍ଡ ଡକ ୱାର୍କର୍ସ ୟୁନିଅନ ସାଧାରଣ ସମ୍ପାଦକ ବିଭୁତି ମହାରଣା, ଅଟୋ ମାଲିକ ସଙ୍ଘ ସଭାପତି ଶିବ ଚ଼ରଣ ବିଶ୍ୱାଳ,ବନ୍ଦର ବିଦ୍ୟୁତ ବିଭାଗର ଉପ ଯନ୍ତ୍ରୀ ପ୍ରଦୀପ କୁମାର କର, ଅଜିତ କୁମାର ଓ ବିରବଲ ଟୁଡୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବହୁ କାର୍ଯ୍ୟରତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ଗଣେଶ ପୂଜାରେ ଚ଼ନ୍ଦ୍ରଯାନର ଝଲକ



ରାୟଗଡା, ରାୟଗଡା ଜିଲ୍ଲା ଓଡ଼ିଆ ସାହି ଅର୍ଥାତ( telephone exc hange) ଠାରେ ନିଆରା ଢଙ୍ଗର ଖୁବ ଆକର୍ଷଣୀୟ ଗଣେଶ ପୂଜା ପେଣ୍ଡାଲ ଦେଖିବାକୁ ମିଳିଛି,ଇସ୍‌ରୋର ସଫଳତା ରେ ସାରା ଭାରତ ବାସୀ ଆନନ୍ଦମୁଖୋରୀତ ,ସେହି ସଫଳତା କୁ ଦୃଷ୍ଟି ରେ ରଖି ଚ଼ଳିତ ବର୍ଷ ଅତି ମନୋଲୋଭା ପେଣ୍ଡାଲ ବନାଇଛନ୍ତି Jungle guy's youth club. ଚ଼ନ୍ଦ୍ରୟାନ ର ସୁନ୍ଦର କାରୁ କାର୍ଯ୍ୟ ଦେଖିବାକୁ ମିଳିଛି ଏଠାରେ । ପାର୍ବଣ ଋତୁ ର ପ୍ରାରମ୍ଭ ହୋଇ ସାରିଛି ବିଘ୍ନ ବିନାୟକ ଙ୍କ ଆଗମନ ହୋଇ ସାରିଛି, ବିଭିନ୍ନ କୋଣ ଅନୁକୋଣ ରୁ ଭକ୍ତ ଙ୍କ ସୁଅ ଛୁଟୁଛି ଏହି ଅତି ସୁନ୍ଦର ପେଣ୍ଡାଲ ଦେଖିବାକୁ ଏବଂ ଶ୍ରୀ ଗଜାନନ ଙ୍କ ଆଶୀର୍ବାଦ ପାଇ ଖୁସି ରେ ସେଲ୍ଫି ଉଠାଉଛନ୍ତି ରାୟଗଡା ବାସୀ । ଚ଼ାଳିଶି ବର୍ଷ ଧରି ଭିନ୍ନ ଭିନ୍ନ ପ୍ରକାର ପେଣ୍ଡାଲ ବନାଇ ଲୋକ ଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି Jungle guy's youth club ।

# କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଚ଼ିକିତ୍ସା ଚ଼ାଲିଥିବା ବେଳେ ଜଣେ ରୋଗୀ ନିଖୋଜ



କୋରାପୁଟ:(ପି ଏ ନ) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼କପୁର ଗ୍ରାମର ଜଣେ ସିଦ୍ଧ ?ଶ ନାୟକ ନିଖୋଜ ଅଛନ୍ତି । ସୂଚ଼ନା ଥାଉକି ଦେହ ଅସୁସ୍ଥ ଥିବାରୁ ନନ୍ଦପୁର ମେଡ଼ିକାଲରେ ଚ଼ିକିତ୍ସିତ ହେଉଥିବା ବେଳେ ଗୁରୁତର ହେବାରୁ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ।ସେଠାରେ ଡାକ୍ତର ଚ଼ିକିତ୍ସା କରିଥିଲେ ।ଏବଂ ସାଲାଇନ ମଧ୍ୟ ଛଡ଼ାଯାଇଥିଲା ।ଚ଼ିକିତ୍ସାଳୟରେ ପରିବାରର ବର୍ଗ ଯଗି ଥିବା ବେଳେ ରବିବାର ସକାଳ ଚ଼ାରି ଘଣ୍ଟା ସମୟରେ ରୋଗୀ ଜଣେ ହଠାତ ନିଖୋଜ ଥିବା ଜାଣିପାରିଲେ । ପରିବାରର ଲୋକେ ଏହି ବାବଦରେ ଡାକ୍ତରଙ୍କୁ ପଚ଼ାରିବାରୁ ଡାକ୍ତର କହିଲେ ତମ ରୋଗୀ କୁ ତମେ ଯୋଗୀ ବ ନା ଆମେ ଜଗି ବୁ ବୋଲି ରୋକ ଠକ କହିଥିଲେ ।ଏଣୁ ପରିଶେଷରେ ଉପାୟ ନ ପାଇଁ କୋରାପୁଟ ଥାନାରେ ପାଞ୍ଚ ଫୁଟ ପାଞ୍ଚ ଇଞ୍ଚ ଥିବା ନାମକ ସିଦ୍ଧ ?ଶ ନାୟକ ବୟସ (୩୦) ରୂପ ଦେଖିବାକୁ ସାମ ବର୍ଣ୍ଣ କଳା, ରଙ୍ଗର ବସ୍ତ୍ର ପ୍ୟାଣ୍ଟ ଏବଂ ହାପ ପ୍ୟାଣ୍ଟ ପିନ୍ଧିଥିବା ନେଇ କୋରାପୁଟ ଟାଉନ ଥାନାରେ ପରିବାର ତରଫରୁ ଏତଲା ଦିଆଯାଇଛି ।ଏହା କୁ ନେଇ କେସ ନଂ (ଏମଏମ ଆର/୪୩) ରୁଜୁ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ।କୌଣସି ବ୍ୟକ୍ତି ଅନୁସନ୍ଧାନ ପାଆନ୍ତି । ଏହି ୭୮୫୫୦୫୨୧୭୨ ନମ୍ବରରେ ଯୋଗାଯୋଗ କରିବା ପାଇଁ ପରିବାରର ବର୍ଗରୁ ସୂଚ଼ନା ଦେଇଛନ୍ତି ।

# ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ୨୬୯ତମ ଜୟନ୍ତୀ



ଖୋର୍ଦ୍ଧା,(ପି.ଏନ): ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ୨୬୯ତମ ଜୟନ୍ତୀ ଉତ୍ସବ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହା ପୂର୍ବରୁ ସଂଗଠନ ପକ୍ଷରୁ ବି.ଜେ.ବି. ହାଇସ୍କୁଲ ଓ ପଂଚ ପାଇକ ପୀଠରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଆଲୋଚନା ସଭାରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମଗିରି ବିଧାୟକ ତଥା ବକ୍ସି ଜଗବନ୍ଧୁଙ୍କ ଦାୟାଦ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ କହିଥିଲେ ଯେ, ବିଧାୟକ ଅପେକ୍ଷା ବକ୍ସିଙ୍କ ଦାୟାଦ ଭାବେ ସେ ବେଶୀ ସମ୍ମାନର ଅଧିକାରୀ ହୋଇଛନ୍ତି । ପ୍ରଧାନମଂତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମଂତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ କ୍ରମେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଏବେ ସାରା ଭାରତରେ ଚର୍ଚ୍ଚାର ବିଷୟ । ଜଣେ ଓଡ଼ିଆ ଭାବେ ଏହା ଆମ ପାଇଁ କିଛି କମ୍ ଉପଲବ୍ଧି ନୁହେଁ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରାକାରପୁର କ୍ଷେତ୍ରବାସୀ ଡି.ଏ.ଭି କଲେଜର ଅବସରପ୍ରାପ୍ତ ଅଧକ୍ଷା ପ୍ରଫେସର ପ୍ରତିଭାମୟୀ ସିହ୍ନା, କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ସଂଚାଳକ ତଥା ରାଜ୍ୟ ଆବାହକ ଇଂ. ଶିଶିର କୁମାର ନାୟକ, ବି.ଜେ.ପି ପ୍ରବକ୍ତା ସୁରଥ ବିଶ୍ୱାଳ, ବାଇକଂଟିଆର ସଂପାଦକ ମଦନମୋହନ ମହାପାତ୍ର, ଧାରା ଶ୍ରୀରାଧା ଟ୍ରଷ୍ଟର ସଭାପତି ସହଦେବ ଜୟସିଂହ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଦାୟାଦ ପ୍ରଫୁଲ୍ଲ ବାହୁବଳେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ ଇଂରେଜମାନେ ବକ୍ସିଙ୍କ ନେତୃତ୍ୱରେ ସଂଘଟିତ ପାଇକ ବିଦ୍ରୋହରେ ସାମରିକ ଆଇନ ଲାଗୁ କରି ବହୁ କଷ୍ଟରେ ପ୍ରଶମିତ କରିଥିଲେ କିନ୍ତୁ ବକ୍ସିଙ୍କ ବୀରତ୍ୱକୁ ସ୍ୱୀକାର କରିଥିଲେ । ବକ୍ସି ରାଣା ପ୍ରତାପଙ୍କ ଭଳି ଜଙ୍ଗଲରେ ଘୁରି ଘୁରି ଗରିଲା ଯୁଦ୍ଧରେ ଅତର୍କିତ ଆକ୍ରମଣ କରି ଇଂରେଜ ବାହିନୀକୁ ଯେଉଭଳି ଅସ୍ତବ୍ୟସ୍ତ କରି ଦେଇଥିଲେ ତାହା ଭାରତ ଇତିହାସରେ ବିରଳ । ସେ ୧୭୫୫ ସେପ୍ଟେମ୍ବର ୨୦ ତାରିଖ ଭାଦ୍ରବ ପୂର୍ଣ୍ଣିମା ଶନିବାର ଦିନ ରାତ୍ର ଘ.୮.୧୫ମିରେ ଜନ୍ମ ଗ୍ରହଣ କରି ଓଡ଼ିଶାକୁ ଏକ ଲଢୁଆ ରାଜ୍ୟ ତଥା ଜାତି ବୋଲି ପ୍ରମାଣ କରିଥିଲେ । ଓଡ଼ିଆ ପାଠ୍ୟ ପୁସ୍ତକରେ ବକ୍ସିଙ୍କ ଉପରେ ଲେଖା ସ୍ଥାନ ପାଇବା, ବସୁଧା ପାନୀୟ ଜଳଯୋଗାଣ ଯୋଜନା ବକ୍ସିଙ୍କ ନାମରେ ହୋଇଥିବାରୁ ବକ୍ସିଙ୍କ ଫଟୋଚିତ୍ର ସ୍ଥାନିତ କରିବା ପାଇଁ ଦାବି କରିଥିଲେ । ଖୋର୍ଦ୍ଧାରେ ପାଇକ ସମରକଳା ଏକାଡ଼େମୀ କେବଳ ଘୋଷଣା ନୁହେଁ ତାହା ଶୀଘ୍ର କାର୍ଯ୍ୟକାରୀ କରିବା ସହ ଏହା ସଂସ୍କୃତି ବିଭାଗ ପରିବର୍ତ୍ତେ କ୍ରୀଡ଼ା ବିଭାଗ ଅଧିନରେ ରଖିବା, ବକ୍ସିଙ୍କ ଏକ ପ୍ରତିମୂର୍ତ୍ତି ନୂଆଦିଲ୍ଲୀରେ ସ୍ଥାପନ କରିବା, ବରୁଣେଇ ପାଇକ ସ୍ମାରକୀ ଜାଗା ଶୀଘ୍ର ହସ୍ତାନ୍ତର କରିବା ଆଦି ଦାବି ଆଲୋଚନା ମାଧ୍ୟମରେ ଉପସ୍ଥାପିତ ହୋଇଥିଲା । ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଉପଦେଷ୍ଟା ଅମରେନ୍ଦ୍ର ମହାପାତ୍ର, ସିଫାର ସଦସ୍ୟ ବିଶ୍ୱଜିତ୍ ସ୍ୱାଇଁ, ରାମ ନାରାୟଣ ଦାଶ, ରାମ ଶଙ୍କର, ପ୍ରଦୀପ ବିଶ୍ୱାଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତରକବାଟ, ବ୍ରଜବନ୍ଧୁ ଛୋଟରାୟ, ବସନ୍ତ କୁମାର ଦାଶ, ମିହିର ବିଧାର, ପାଇକଗୁରୁ ଭାସ୍କର ସୁନ୍ଦରାୟ, ସମରେନ୍ଦ୍ର ବଳିଆରସିଂହ, ଧରଣୀଧର ଛୋଟରାୟ, ଯୋଗୀନାଥ ବଳିଆରସିଂହ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ସର୍ବଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ରଶ୍ମିତା ନାୟକ, ବିକ୍ରମ କେଶରୀ ଚମ୍ପତି ଓ ଇତିଶ୍ରୀ ସାହୁ କବିତା ପାଠ କରିଥିଲେ । ଶେଷରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ରମଜାନ୍ ଖାଁ ଧନ୍ୟବାଦ ଦେଇଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray